ଧରିତ୍ରୀ
DHARITRI
ଗୁରୁବାର, ୨୯ ଏପ୍ରିଲ, ୨୦୨୧

**ଆଜିର ମନ୍ତବ୍ୟ**

"ଯଥାଶୀଘ୍ର ଯୁବବର୍ଗଙ୍କୁ ଟିକା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ ପଦକ୍ଷେପ ନିଅନ୍ତୁ। ଏହି ପ୍ରକ୍ରିୟା ଧିମେଇଲେ ଟିକାକରଣର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ। **-ଭୂପେଶ ବାଘେଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ**




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ସୁପ୍ରିୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗେ ହାତେ ଦେଇ ଥାଳି,**
**ଏବେ କିଆଁ ହୁଅ ବିଭାଳି।**

ଆଗରୁ ସତର୍କ ନ ହୋଇ ପଛରେ ମୁଣ୍ଡ ପିଟିଲେ ଲାଭ କିଛି ମିଳିନଥାଏ। ନେଡିଗୁଡ଼ କହୁଣିକୁ ବୋହିଯିବା ଭଳି ପଛରେ ଭାଳି ହେଲେ ପଶ୍ଚାତ୍ତାପ କରିବା ହିଁ ସାର ହୋଇଥାଏ। ତେଣୁ ପ୍ରତ୍ୟେକ କାର୍ଯ୍ୟ କରିବା ପୂର୍ବରୁ ଭଲ ମନ୍ଦ ଦିଗ ପ୍ରତି ଧ୍ୟାନ ଦେବା ଉଚିତ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଆଉ ଗୋଟିଏ ଗୋରୁ ମିଳେ,**
**ହଜିଲା ଗୋରୁ ଆଉ ନ ମିଳେ।**

ଗୋରୁ ବା ବଳଦ ଥରେ ହଜିଗଲେ ତାକୁ ଠାବ କରିବା ନିହାତି କଷ୍ଟକର ହୋଇଯାଇଥାଏ। ପରୋକ୍ଷରେ ପୂର୍ବ ସୁଖ ଯେତେ ଚେଷ୍ଟା କଲେ ମଧ୍ୟ ମିଳିପାରିନଥାଏ। କେବଳ ଝୁରି ହେବା ହିଁ ସାର ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

# ଅଣଧାନ ଫସଲ ପାଇଁ ଆକ୍ସନ ପ୍ଲାନ ନିର୍ଦ୍ଦେଶ

**ଭୁବନେଶ୍ୱର,୨୮।୪(ବ୍ୟୁରୋ)**

ବୃହତ୍ ଉଠାଜଳସେଚନ ପଏଣ୍ଟ (ଏମ୍ଆଇଏଲ୍ପି) ଆୟକଟ ଏରିଆରେ ଅଣଧାନ ଫସଲ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଅର୍ଥକରୀ ଫସଲ ଉତ୍ପାଦନ ହେବା ସହ ନିଯୁକ୍ତି ସୁଯୋଗକୁ ତ୍ୱରାନ୍ୱିତ କରିବ। ଆସନ୍ତା ଖରିଫ ଋତୁ ପାଇଁ ଏ ନେଇ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଡିଜିଟାଲ ମୋଡ୍ରେ ଅନୁଷ୍ଠିତ ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ସଚିବ ସୁରେଶ କୁମାର ବଶିଷ୍ଠ ଏ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଫସଲର ବିବିଧକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏମ୍ଆଇଏଲ୍ପି ଅଞ୍ଚଳରେ ଅଣଧାନ ଫସଲ ବୃଦ୍ଧି କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଉନ୍ନୟନ କମିଶନର ପ୍ରଦୀପ୍ତ କୁମାର ଜେନା କହିଛନ୍ତି ଯେ ଏମ୍ଆଇଏଲ୍ପି ଆୟକଟ ଅଞ୍ଚଳରେ ୭୦ ପ୍ରତିଶତ ଅଣଧାନ ଚାଷ ପାଇଁ ସୁଯୋଗ ରହିଛି। ଖାଦ୍ୟ ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର.କେ. ଶର୍ମା କହିଛନ୍ତି ଯେ ଅଣଧାନ ଚାଷ ପାଇଁ ତୃଣମୂଳ ସ୍ତରରେ ଚାଷୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧିକରିବା ଦରକାର । ଜଳସମ୍ପଦ ସଚିବ ଅନୁ ଗର୍ଗ କହିଛନ୍ତି ଯେ ଆୟକଟ ଅଞ୍ଚଳରେ ଆବଶ୍ୟକତା ଅନୁଯାୟୀ ଜଳ ଯୋଗାଣ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ସହ ଆସନ୍ତା ଖରିଫ ଋତୁରେ ଅତିକମ୍ରେ ୬୦ ପ୍ରତିଶତ ଜମିରେ ଅଣଧାନ ଫସଲ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଏହାଛଡ଼ା ପିଡିଏସ୍, ଏମ୍ଡିଏମ୍, ଆଇସିଡିଏସ୍ ଅତିରିକ୍ତ ପୁଷ୍ଟି ଯୋଗାଣ କାର୍ଯ୍ୟକ୍ରମରେ କେତେ ପରିମାଣ ଅଣଧାନ ଫସଲର ଆବଶ୍ୟକତା ରହିଛି ତାହା ଆକଳନ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଅଣଧାନ ଫସଲକୁ ପ୍ରୋତ୍ସାହିତ କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଇ-ଏନ୍ଏମ୍, ମାର୍କଫେଡ୍ ଏବଂ ଅନ୍ଲାଇନ ମାର୍କେଟିଂ ବ୍ୟବସ୍ଥା କରିବାକୁ ହେବ। ଫସଲ ସଂଗ୍ରହ ନେଇ ମଧ୍ୟ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ରାଜ୍ୟରେ ବର୍ତ୍ତମାନ ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା ଅଣଧାନ ଫସଲ ସଂଗ୍ରହ କରାଯାଉଛି। ଏହି କାର୍ଯ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କୃଷି ଉତ୍ପାଦକ ସଂଗଠନ(ଏଫ୍ପିଓ)ଗୁଡ଼ିକୁ ସାମିଲ କରିବାକୁ ଅନୁମତି ଦେବା ଲାଗି ବୈଠକରେ ପ୍ରସ୍ତାବ ଦିଆଯାଇଛି। ଏହି କାର୍ଯ୍ୟକୁ ଖରିଫ ଋତୁ ପୂର୍ବରୁ ଆରମ୍ଭ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

ରାଜ୍ୟରେ ମୋଟ ୧,୨୨,୮୩୫ ହେକ୍ଟର ଏମ୍ଆଇଏଲ୍ପି ଆୟକଟ ଏରିଆ ରହିଛି। ପନିପରିବା, ଡାଲି ଜାତୀୟ, ମକା, ଆଖୁ, କପା, ବାଦାମ ଏବଂ ରାଶି ଆଦି ଫସଲ ସୁବିଧା ଥିବା ଜିଲା ବିଷୟରେ କୃଷି ନିର୍ଦ୍ଦେଶକ ମୁଥୁ କୁମାର ବୈଠକରେ ସୂଚନା ଦେଇଥିଲେ। ଗଞ୍ଜାମ ଜିଲାରେ ୧୦୦ ପ୍ରତିଶତ ଅଣଧାନ ଫସଲ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ବରଗଡ଼, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଜିଲାରେ ୭୦ ପ୍ରତିଶତ ଏବଂ କଳାହାଣ୍ଡି, ରାୟଗଡ଼ା ଏବଂ ସମ୍ବଲପୁର ଜିଲାରେ ୫୦ ପ୍ରତିଶତ ଅଣଧାନ ଫସଲ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

### ଫୋକସ୍‌ରେ ଏମ୍ଆଇଏଲ୍ପି ଅଞ୍ଚଳ

■ ଅଣଧାନ ଫସଲ ସଂଗ୍ରହରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହେବେ



## ପ୍ରଥମ ପୃଷ୍ଠାରୁ...

### ଏମ୍କେସିଜିରେ ଅକ୍ସିଜେନ୍ ...

ତାଙ୍କୁ ଅକ୍ସିଜେନ ମିଳି ନ ଥିଲା। ଫଳରେ ତାଙ୍କର ଜଣେ ସମ୍ପର୍କୀୟ ଭିଡିଓ ରେକର୍ଡିଂ କରି ଅକ୍ସିଜେନ ଯୋଗାଇବା ପାଇଁ କହୁଥିଲେ, ଯାହାକି ବୁଧବାର ଭାଇରାଲ ହୋଇଥିଲା। ତେବେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହିତ ମେଡିକାଲରେ ଆବଶ୍ୟକ ପରିମାଣ ଅକ୍ସିଜେନ ମହଜୁଦ ରହିଥିବା ଟୁଇଟ୍ କରି ସ୍ପଷ୍ଟୀକରଣ ଦେଇଥିଲେ। ରୋଗୀଙ୍କୁ ଅକ୍ସିଜେନ ଦିଆଯିବ କି ନାହିଁ ତାହା ଡାକ୍ତର ନିଷ୍ପତ୍ତି ନେବେ। ସମ୍ପୃକ୍ତ ରୋଗୀଙ୍କ ଅକ୍ସିଜେନ ସ୍ତର ୯୮ ପ୍ରତିଶତ ରହିଥିବା ଟୁଇଟ୍ରେ ଉଲ୍ଲେଖ କରିଛନ୍ତି। ବୁଧବାର ଜିଲାପାଳ ଏମ୍କେସିଜି ମେଡିକାଲ କାଜୁଆଲିଟି ପରିଦର୍ଶନରେ ଯାଇଥିଲେ। ଯାଞ୍ଚ ପରେ ସେଠାରେ ଆବଶ୍ୟକ ପରିମାଣର ଅକ୍ସିଜେନ ଥିବାବେଳେ ଦାୟିତ୍ୱରେ ଥିବା ଅଧିକାରୀମାନେ ଠିକ୍ ଭାବେ ତଦାରଖ କରୁଥିବା ଦେଖିବାକୁ ପାଇଥିଲେ। ଗୁରୁବାରଠାରୁ କୋଭିଡ୍ ରୋଗୀଙ୍କ ପାଇଁ ଏକ ସ୍ୱତନ୍ତ୍ର କାଜୁଆଲିଟି ଖୋଲାଯିବ ବୋଲି ଟୁଇଟ୍ ଯୋଗେ ସେ ସୂଚନା ଦେଇଛନ୍ତି।

### ଗଞ୍ଜାମର ସବୁ ସହରରେ ...

ସଙ୍ଗଠନ ନିଷ୍ପତ୍ତି ନେଇଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିବା ସହ ଏହାକୁ ସମସ୍ତେ ଅନୁପାଳନ କରିବାକୁ ଅନୁରୋଧ କରିଛନ୍ତି। ଏହାଦ୍ୱାରା ଆମେ କରୋନା ଯୁଦ୍ଧରେ ବିଜୟୀ ହେବୁ ବୋଲି ଜିଲାପାଳ ବୁଧବାର ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ସହରକୁ ଯାତାୟାତରେ ମଧ୍ୟ କଟକଣା ଲାଗିବ ବୋଲି ଜଣାପଡିଛି।

### ଗୋଷ୍ଠୀ ସଂକ୍ରମଣ ...

ବିଏମ୍ସି ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଯେଉଁଭଳି ଭାବରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି, ତାକୁ ରୋକିବା ପାଇ ନୂଆ ଷ୍ଟ୍ରାଟେଜି ବା ରଣନୀତି ଆବଶ୍ୟକ ବୋଲି ଭୁବନେଶ୍ୱର ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡା. ଅଶୋକ ମହାପାତ୍ର କହିଛନ୍ତି। ଏବେ ଆମକୁ ସ୍ପେଶାଲ ଷ୍ଟ୍ରାଟେଜି ନେବା ଦରକାର। ବିଶେଷକରି କଟକ ଓ ଭୁବନେଶ୍ୱରରେ କଟକଣା ଅଧିକ କରିବା ଦରକାର। ନଚେତ୍ ସ୍ଥିତି ଆଗକୁ ଅସମ୍ଭାଳ ହେବ। ପରିବା, ମାଛ ମାର୍କେଟ୍ ଓ ମଦ ଦୋକାନ ସଂକ୍ରମଣ ବୃଦ୍ଧିର ମୁଖ୍ୟ କାରଣ ବୋଲି ସେ କହିଛନ୍ତି। କାରଣ ଏହି ତିନୋଟି ସ୍ଥାନରେ ଅଧିକ ଗହଳି ହେଉଛି। ଭିଡ଼ରେ ହିଁ ସଂକ୍ରମଣ ବଢ଼ିବା ଅଧିକ ଆଶଙ୍କା ଥାଏ। ଏହି ସ୍ଥାନଗୁଡ଼ିକ ଉପରେ କଟକଣା ନ ଲଗାଇଲେ ସଂକ୍ରମଣ ଆହୁରି ବଢ଼ିବ ବୋଲି ଡା. ମହାପାତ୍ର କହିଛନ୍ତି।

### ଦିନକରେ ୮,୩୮୬ ...

ରାଜ୍ୟରେ ଦୈନିକ ସଂକ୍ରମଣ ୧୩ ହଜାର ଛୁଇଁପାରେ ବୋଲି ଆକଳନ କରାଯାଇଛି। ଆଗାମୀ ୨ସପ୍ତାହ ମଧ୍ୟରେ ପ୍ରାୟ ୨ଲକ୍ଷ ନୂଆ ସଂକ୍ରମଣ ମାମଲା ଆସିବା ଆଶଙ୍କା କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ ସକ୍ରିୟ ମାମଲା ୧ଲକ୍ଷ ହେବ। ସରକାରଙ୍କ ଏଭଳି ଆକଳନ ରାଜ୍ୟବାସୀଙ୍କ ମନରେ ଭୟ ସୃଷ୍ଟି କଲାଣି। ଦ୍ୱିତୀୟ ଲହର ଯେଉଁଭଳି ଭାବେ ଦ୍ରୁତ ଗତିରେ ସଂକ୍ରମଣ କରୁଛି ସେହିପରି ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ି ବଢ଼ି ଚାଲିଛି। ଚଳିତ ମାସରେ ସଂକ୍ରମିତ ସଂଖ୍ୟା ୮୭,୫୯୮ ହୋଇଥିବା ବେଳେ ମୃତ୍ୟୁ ସଂଖ୍ୟା ୯୬ ହେଲାଣି।

ଅପରପକ୍ଷେ ଖୋର୍ଦ୍ଧା ଜିଲା ଚିନ୍ତା ବଢ଼ାଇଲାଣି। ହଟ୍ସ୍ପଟ୍ ହେଲାଣି ଖୋର୍ଦ୍ଧା ଜିଲା। ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରେ କେବଳ ୧,୮୪୦ ରହିଛନ୍ତି। ସେହିପରି ସୁନ୍ଦରଗଡ଼ରେ ୯୩୩, କଟକ ୪୯୬, ଝାରସୁଗୁଡ଼ା ୪୩୩, ନବରଙ୍ଗପୁର ୩୮୮, ବଲାଙ୍ଗୀର ୩୫୮, ଅନୁଗୋଳ ୩୪୭, ସମ୍ବଲପୁର ୩୦୭, ମୟୂରଭଞ୍ଜ ୨୮୯, ଯାଜପୁର ୨୭୦, ପୁରୀ ୨୫୯, ବରଗଡ଼ ୨୫୭, ନୂଆପଡ଼ା ୨୩୩, ଗଞ୍ଜାମ ୨୦୯, ବାଲେଶ୍ୱର ୨୦୨, କେନ୍ଦୁଝର ୧୭୫, ଜଗତସିଂହପୁର ୧୨୯, କଳାହାଣ୍ଡି ୧୨୬, ନୟାଗଡ଼ ୧୨୨ଜଣ ରହିଛନ୍ତି। ଅନ୍ୟପଟେ ମୃତ ୧୦ଜଣଙ୍କ ମଧ୍ୟରେ ପୁରୀ ଓ ରାୟଗଡ଼ାରେ ୩ଜଣ ଲେଖାଏ ଥିବାବେଳେ ସୁନ୍ଦରଗଡ଼, ବୌଦ୍ଧ, ଗଞ୍ଜାମ, ଖୋର୍ଦ୍ଧାରେ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ମୃତ୍ୟୁ ସଂଖ୍ୟା ୨,୦୧୭କୁ ଛୁଇଁଛି। ସେପଟେ ରାଜ୍ୟରେ ଏବେ ୫୦ହଜାର ସକ୍ରିୟ ରୋଗୀଙ୍କ ସଂଖ୍ୟା ଟପିଛି। ରାଜ୍ୟରେ ୫୦,୭୨୪ ସକ୍ରିୟ ରୋଗୀ ଥିବାବେଳେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୯,୫୧୫ ରହିଛି।

### ୧୨ ଜିଲାରେ ଟିକାକରଣ ...

ଟିକାକରଣ ହୋଇଥିବାବେଳେ ମୋଟ ୪୩,୮୫୩ ଡୋଜ୍ ଟିକା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୫୭,୪୮,୭୬୯ ଡୋଜ୍ ଟିକାକରଣ ହୋଇସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ଟିକା ଅଭାବ ଯୋଗୁ ଗୁରୁବାର ମଧ୍ୟ ବିଭିନ୍ନ ସ୍ଥାନରେ ଟିକାକରଣ ବନ୍ଦ କରିଦିଆଯାଇଛି। ବୁଧବାର ଦୁଇଟି ଜିଲାରେ ଟିକାକରଣ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଗୁରୁବାର ରାଜ୍ୟରେ ୩୦୨ଟି ସେସନରେ ଟିକାକରଣ ହେବାକୁ ଥିବାବେଳେ ୧୨ଟି ଜିଲାରେ ସମ୍ପୂର୍ଣ୍ଣ ବନ୍ଦ ରହିବ। ସେହି ଜିଲାଗୁଡ଼ିକ ହେଲା ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଟକ, ଯାଜପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା (ଭୁବନେଶ୍ୱର ମହାନଗର ନିଗମ ବ୍ୟତୀତ), କୋରାପୁଟ, ମୟୂରଭଞ୍ଜ ଓ ପୁରୀ। ଅନ୍ୟପଟେ ରାଜ୍ୟକୁ ଆସିଛି ଆଉ ୯୦ହଜାର ଡୋଜ୍ କୋଭିଶିଲ୍ଡ ଟିକା। ସ୍ୱାସ୍ଥ୍ୟ ବିଭାଗର ସୂଚନାନୁସାରେ, ରାଜ୍ୟରେ ଏବେ ମୋଟ ୧,୧୯,୨୨୦ ଡୋଜ୍ କୋଭିଶିଲ୍ଡ ଏବଂ ୩,୪୬,୪୪୦ ଡୋଜ୍ କୋଭାକ୍ସିନ ଟିକା ଉପଲବ୍ଧ ରହିଛି। ସେପଟେ ତୃତୀୟ ପର୍ଯ୍ୟାୟ ଟିକାକରଣ ପାଇଁ ବୁଧବାରଠାରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ଟିକାକରଣ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ସେସନ୍ ସାଇଟ୍ ପ୍ରସ୍ତୁତ ଥିବାବେଳେ ଆବଶ୍ୟକସ୍ଥଳେ ଏହାକୁ ବୃଦ୍ଧି କରାଯିବ। ତେବେ ମେ’ ୧ ପରେ ରାଜ୍ୟରେ ଯେବେ ଟିକା ପହଞ୍ଚିବ, ସେବେ ଟିକାକରଣ ଆରମ୍ଭ ହେବ। ଟିକା ଆଣିବା ପାଇଁ ରାଜ୍ୟ ସରକାର କମ୍ପାନୀଗୁଡ଼ିକ ସହ ଆଲୋଚନା କରୁଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି।

### ଦେଶରେ ୨ ଲକ୍ଷ ଟପିଲା...

**ପ୍ରମୁଖ ୩ ରାଜ୍ୟର ସ୍ଥିତି:** ଭାରତରେ ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଓ ଦିଲ୍ଲୀର ସ୍ଥିତି ସବୁଠୁ ସଙ୍ଗିନ ରହିଛି। ମହାରାଷ୍ଟ୍ରରେ ମଙ୍ଗଳବାର ୬୬,୩୫୮ ସଂକ୍ରମିତ ହୋଇଥିବାବେଳେ ୬୭,୭୫୨ ଆରୋଗ୍ୟ ଲାଭ କରିଛନ୍ତି। ୮୯୫ ଜଣଙ୍କ ମୃତ୍ୟୁ ଘଟିଛି। ରାଜ୍ୟରେ ଏଯାଏ ୪୪ ଲକ୍ଷ ୧୦ ହଜାର ଲୋକ ଭୂତାଣୁ କବଳକୁ ଆସିସାରିଛନ୍ତି। ସେମାନଙ୍କ ମଧ୍ୟରୁ ୩୬.୬୯ ଲକ୍ଷ ସୁସ୍ଥ ହୋଇସାରିଥିବାବେଳେ ୬୬ ହଜାର ୧୭୯ ଜଣଙ୍କ ଜୀବନ ଯାଇଛି। ଅବଶିଷ୍ଟ ୬ ଲକ୍ଷ ୭୨ ହଜାର ୪୩୪ ରୋଗୀଙ୍କ ଚିକିତ୍ସା ଚାଲିଛି। ସେହିପରି ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ୟୁପିରେ ୨୪ ଘଣ୍ଟା ମଧ୍ୟରେ ୩୨,୯୨୧ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୩୦,୩୯୮ ଆରୋଗ୍ୟ ଲାଭ କରିଥିବାବେଳେ ୨୬୪ ଜଣ ଆଖି ବୁଜିଦେଇଛନ୍ତି। ଏହି ରାଜ୍ୟରେ ୧୧ ଲକ୍ଷ ୫୩ ହଜାର ସଂକ୍ରମିତ ହୋଇସାରିଥିବାବେଳେ ୮ ଲକ୍ଷ ୩୪ ହଜାର ସୁସ୍ଥ ହୋଇ ଘରକୁ ଫେରିଲେଣି। ୧୧,୬୭୮ ରୋଗୀଙ୍କ ମୃତ୍ୟୁ ଘଟିଲାଣି। ଅବଶିଷ୍ଟ ୩ ଲକ୍ଷ ୬ ହଜାର ଚିକିତ୍ସାଧୀନ ଅଛନ୍ତି। ସେହିପରି ଜାତୀୟ ରାଜଧାନୀ ଦିଲ୍ଲୀରେ କରୋନାର ଦୌରାତ୍ମ୍ୟ ବଢ଼ି ଚାଲିଛି। ଏହି କେନ୍ଦ୍ରଶାସିତ ଅଞ୍ଚଳରେ ଦିନକରେ ୨୪,୧୪୯ କରୋନା ପଜିଟିଭ୍ ଚିହ୍ନଟ ଏବଂ ୧୭,୮୬୨ ସୁସ୍ଥ ହୋଇଛନ୍ତି। ୩୮୧ ଜଣଙ୍କ ଜୀବନ ଯିବା ସହ ମୋଟ ମୃତ୍ୟୁ ସଂଖ୍ୟା ୧୫,୦୦୯ରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ୧୦ ଲକ୍ଷ ୭୨ ହଜାର ସଂକ୍ରମିତ ହୋଇସାରିଛନ୍ତି। ସେମାନଙ୍କ ମଧ୍ୟରୁ ୯ ଲକ୍ଷ ସୁସ୍ଥ ହୋଇସାରିଥିବାବେଳେ ୯୮,୨୬୪ ରୋଗୀଙ୍କ ଚିକିତ୍ସା ଚାଲିଛି।

### ପୋର୍ଟାଲ ଭୁଶୁଡ଼ିଲା...

ସମ୍ମୁଖୀନ ହୋଇଥିବା ବ୍ୟକ୍ତିମାନେ ସୋସିଆଲ ମିଡିଆ ଯୋଗେ ସେମାନଙ୍କ ଅଭିଜ୍ଞତା ଶେୟାର କରିଛନ୍ତି। ଅପରାହ୍ନ ୪ଟାରେ ପଞ୍ଜୀକରଣ ଆରମ୍ଭ ହେବା କ୍ଷଣି କୋୱିନ ୱେବ୍ସାଇଟ ଲୋଡ୍ ନେବାରେ ସକ୍ଷମ ହେଉ ନ ଥିବା କିମ୍ବା ପ୍ଲାଟଫର୍ମକୁ ଲଗ୍ ଇନ୍ କରିବା ପାଇଁ ଓଟିପି ଆସୁ ନ ଥିବା ଅଭିଯୋଗ ବହୁସଂଖ୍ୟାରେ ଆସିଥିଲା। ପୁଣି କେତେଜଣ ଓଟିପି ପାଇଥିଲେ ମଧ୍ୟ ପୋର୍ଟାଲ ୱେବ୍ସାଇଟରେ ତାହାକୁ ଟାଇପ୍ କରିପାରି ନ ଥିଲେ। ଦେଶରେ ଜାନୁୟାରୀ ୧୬ରୁ କୋଭିଡ୍ ଟିକାକରଣ ଅଭିଯାନ ଆରମ୍ଭ ହୋଇଥିଲା। ଏଥିପାଇଁ ଗୋଟିଏ ଦିନରେ ସର୍ବାଧିକ ୫୦ ଲକ୍ଷ ପଞ୍ଜୀକରଣ ହୋଇଥିଲା। ବୁଧବାର ପଞ୍ଜୀକରଣ ଏହାର ଦୁଇଗୁଣରୁ ଅଧିକ ହେବ ବୋଲି ଆଶା କରାଯାଉଥିବା ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷର ସିଇଓ ଆର୍.ଏସ୍. ଶର୍ମା ଗଣମାଧ୍ୟମକୁ କହିଛନ୍ତି। ପଞ୍ଜୀକରଣ ଲୋଡ୍ ସିଷ୍ଟମ ନେଇପାରିବ ବୋଲି ସେ କହିଛନ୍ତି। ତୃତୀୟ ପର୍ଯ୍ୟାୟରେ ବିନା ପଞ୍ଜୀକରଣରେ କେହି ଟିକା ନେଇପାରିବେ ନାହିଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ସେଥିପାଇଁ ଏକସଙ୍ଗେ ବହୁସଂଖ୍ୟାରେ ଲୋକ ପଞ୍ଜୀକରଣ ପାଇଁ ଉଦ୍ୟମ କରିବାରୁ ସମସ୍ୟା ଉପୁଜିଥିବା କୁହାଯାଉଛି। ରାଜ୍ୟ ଓ ଘରୋଇ ଟିକା କେନ୍ଦ୍ରଗୁଡ଼ିକରେ ସ୍ଲଟ୍ ଉପଲବ୍ଧତାକୁ ନେଇ ଆପଏଣ୍ଟମେଣ୍ଟ ଦିଆଯିବ। ଅଧିକ ଆପଏଣ୍ଟମେଣ୍ଟ ସ୍ଲଟ୍ ଖୁବ୍ଶୀଘ୍ର ପ୍ରଦାନ କରାଯିବ। ଯଦି ଏବେ ସ୍ଲଟ ଉପଲବ୍ଧ ହେଉନାହିଁ, ତେବେ କିଛି ସମୟ ପରେ ପୁଣିଥରେ ଦେଖିବାକୁ ପରାମର୍ଶ ଦିଆଯାଇଛି। ପଞ୍ଜୀକରଣ ପାଇଁ https://www.cowin.gov.in/homeକୁ ଯାଇ register କିମ୍ବା sign-in ଅପ୍ସନରେ କ୍ଲିକ୍ କରିବାକୁ ହେବ। ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ୱେବ୍ସାଇଟ ଆରୋଗ୍ୟ ସେତୁ ଆପ୍ରେ ମଧ୍ୟ ପଞ୍ଜୀକରଣ କରାଯାଉଛି।


## classifieds Everyday
0674-2580101, 2549302

### real estate

**SALE**

Ready to move 2 BHK (950sqft.) flat, 1st floor, near Mount Litera Zee School. Price- Rs 30lakhs** immediate sale. Contact- 9937847725. D-20613

ଭୁବନେଶ୍ୱର Hot location ପାହାଳ NH ଜଗନ୍ନାଥମନ୍ଦିର ପାଖରେ yellow zone plot sqft. 1850/-, ବାଲିଅନ୍ତାରେ ଘରବାରି boundary sqft. 1200/-, 7978230118, 8249477254. D-70826

ଭୁବନେଶ୍ୱର ଜଟଣୀଗେଟ୍ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9776974912. D-70842

2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989. D-70836

Residential plot at- Heart Complex, Brahmanjharilo, Cuttack, 12K.M. from Bhubaneswar, 18K.M. from Cuttack @500/- per sft. (Few plots available), (Nearest to School, Coleges/ Hospital). 7809525452, 8249851363. D-70449

ଭୁବନେଶ୍ୱର-ପୁରୀ ରାସ୍ତାର ପିପିଲି NH side Gated Community Plotting Project 30’ ରାସ୍ତା, electricity boundary, park, Temple, Entrancegate (Bank finance available) sqft.-670/-, 7327092999. D-70846

Bhubaneswar ସୁନ୍ଦରପଦାରୁ ଓଇସି ରୋଡ୍‌ରେ ଘରବାରି ପ୍ଲଟ୍ sqft. 1500/-, 950/-, 380/- କାଟେଗୋରୀରେ 630/- ଦିଆଯାଉଛି। Sonali- 9938016295. D-70845

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 1km. sqft.- 220/-, Niser ପାଖରେ sqft.-500/-, ତ୍ରିଶୂଳିଆ ଛକ ପାଖରେ 450/- plot ବିକ୍ରି ଚାଲୁଅଛି। 9178004547, 9348020724. D-70843

Sum Hospital 4K.M. ଦୂରତାରେ R.I. Training Centre Frontରେ Plot Sqft. 850/- ମିଳୁଛି। 9090963952. D-70830

Fully developed 1500/ 2000sqft. plot near Mount Litera Zee School. Price- Rs. 750/-sqft. immediate sale. Contact- 8093530104. D-20614

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରୋ ରଙ୍ଗୀନ
ଟ୪୨୦/-ରୋ (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

### healthcare

Newly open Spa offer @599/-, positively health benefits, Jaydevbihar. 7846814019. D-59988

Refreshing your mind your body with the best therapy at Lotus Spa. 9801811949. D-70448

Swarna SPA newly open positively health benefits with expert therapist. 9556978408. D-70588

Zen SPA positively health benefits with experts therapeutic genuinely massage. 7205084157. D-70589

Refreshing your mind body with best expert therapist. 8144219731, 7749040472. D-70590

Ayurvedic full body massage by experienced (M/F) therapist. 8018656899, 7008773793. D-59989

New Opening Saikrupa Panchakarma and Spa Joint Pain, Fullbody Massage. 8984068077. D-65917

### astrology

କ’ଣ ଆପଣ ଅସୁବିଧାରେ ଅଛନ୍ତି କି? ୨ଘଣ୍ଟାରେ ସମାଧାନ Myastron ଦ୍ୱାରା। କାମ ନହେଲେ ଟଙ୍କା ଫେରସ୍ତ। ବ୍ୟବସାୟରେ, ପ୍ରେମରେ, ବିବାହରେ, ଚାକିରି ସମାଧାନ Mobile/ Whatsapp No.- 07381297749, 09739501234. D-20592

### AFFIDAVIT

ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ, କଣାସଙ୍କ ପାଖରେ ଶପଥ କରୁଅଛି କି, ମୁଁ ଖଲେଶ୍ୱର ବେହେରା, ପି.- ବାଞ୍ଛା ବେହେରା, ଗ୍ରା: ମାଳିସାହି, ପୋ.- ଗଡ଼ଖାରଦ, ଥା.- ଗଡ଼ିଶାଗୋଡା, ଜି.- ପୁରୀ ମୋ ଆଗ ନାମକୁ ବଦଳାଇ ଖଲିଆ ବେହେରା କରୁଅଛି, ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ। D-20627

ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ, କଣାସଙ୍କ ପାଖରେ ଶପଥ କରୁଅଛି କି, ମୁଁ ହରପ୍ରିୟା ସାହୁ, ସ୍ୱା.- ସର୍ବେଶ୍ୱର ସାହୁ, ଗ୍ରା: ବାଜପଦର, ପୋ.- ଗଡ଼ଖାରଦ, ଥା.- ଗଡ଼ିଶାଗୋଡା, ଜି.- ପୁରୀ ମୋ ଆଗ ନାମକୁ ବଦଳାଇ ତାରାମଣୀ ସାହୁ କରୁଅଛି, ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ। D-20628

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଅନୁକୂଳ ଗ୍ରହ ଚକ୍ରରୁ କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସହଯୋଗ କରିବାର ସୂଚନା ରହିଛି। ଯାନ୍ତ୍ରିକ ଶିଳ୍ପରେ ଉନ୍ନତି, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମଧ୍ୟମ ଫଳ ପାଇବେ। ପରିବାରରେ ଅଶାନ୍ତ ଦୂର ହେବା ପାଇଁ ବନ୍ଧୁଙ୍କ ସାହାଯ୍ୟ ନେଇପାରନ୍ତି। ବହୁଦିଗରୁ ସୁଖ ସମ୍ମାନ ପାଇଲେ ମଧ୍ୟ ସନ୍ତାନଙ୍କ ଅନାଦର ଯୋଗୁ ଦୁଃଖିତ ହେବେ।

**ବୃଷ** ବିଶେଷ ଅସୁବିଧା ନ ହେଲେ ମଧ୍ୟ କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମ ସୃଷ୍ଟି ହୋଇପାରେ। ଅନ୍ୟମନସ୍କ ରହିବା ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ଆଜି ଅଫିସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେଇପାରିବେ ନାହିଁ। ପାରିବାରିକ କ୍ଷେତ୍ରରେ ଜଗିରଖି ଚଳନ୍ତୁ, ଅନ୍ୟଥା ସମସ୍ୟା ବଢ଼ି ବଢ଼ିଯାଇପାରେ।

**ମିଥୁନ** ଯେକୌଣସି କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ଶୁଭଫଳ ପାଇବେ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅଶାନ୍ତିର ବାତାବରଣକୁ ଡାକି ଆଣିବେ। ଉଚ୍ଚ ପଦାଧିକାରୀଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରି କାମ ହାସଲରେ ସମର୍ଥ ହେବେ। ସମ୍ପର୍କୀୟଙ୍କ ସମ୍ପର୍କରେ କିଛିଟା ଅବନତି ପରିଲକ୍ଷିତ ହେବାର ସୂଚନା ରହିଛି।

**କର୍କଟ** ମନକୁ ସୁହାଇଲା ଭଳି କଥା କହି ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାରେ ସଫଳ ହେବେ। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ କିନ୍ତୁ ସହଯୋଗ ପାଇବେ ନାହିଁ। ବିଶେଷ ଭ୍ରମଣ କାରଣରୁ ସ୍ୱାସ୍ଥ୍ୟହାନି ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟ, ଯାତ୍ରା, ରାଜନୀତି, ପ୍ରଶାସନ କ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରଯତ୍ନ କରିବେ।

**ସିଂହ** ବିଭିନ୍ନ ପ୍ରକାର କାମ ଚାପରେ ମାନସିକ ସ୍ଥିରତା ରହିବ ନାହିଁ। ସଭାସମିତିରେ ପ୍ରିୟଜନମାନଙ୍କୁ ଯୁକ୍ତିଯୁକ୍ତକଥା କହି ସମସ୍ୟାକୁ ସୁଧାରି ନେବେ। କିଛି ମୂଲ୍ୟବାନ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି, ଅବଶ୍ୟ ପାଇବାରେ ଅସୁବିଧା ହେବନାହିଁ। ନିଜ ପସନ୍ଦର ଜିନିଷ ଆଣିବା ପାଇଁ ପରିବାର ଆପଣଙ୍କୁ ଅନୁରୋଧ କରିପାରନ୍ତି।

**କନ୍ୟା** ଆଜି ବିଭିନ୍ନ ଦିଗରୁ ସାହାଯ୍ୟ,ସହଯୋଗର ଅବାରିତ ଧାରା ବହି ଆସିବ। ଜମିଜମା, ମାଲିମକଦ୍ଦମା, ଯାତ୍ରା, ବ୍ୟବସାୟ ଓ ରାଜନୈତିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବ। ଆରମ୍ଭ କରିବାକୁ ଥିବା କାମ ନିର୍ବିଘ୍ନରେ ସମାପନ କରିପାରିବେ। ଅର୍ଥାଭାବରୁ କୌଣସି କାମ କରିବାରେ ପଛେଇ ଯାଇପାରନ୍ତି।

**ତୁଳା** ଆଜି ପାରିବାରିକ, ସାମାଜିକ, ରାଜନୈତିକ, ସାଂଗଠନିକ ଓ ଲୋକ ସମ୍ପର୍କ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କେତେକ କ୍ଷେତ୍ରରେ ଗୁରୁଜନଙ୍କୁ ପ୍ରତାରିତ କରି ଅନୁଶୋଚନା କରିବେ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ପୂର୍ବକ ଅଫିସ୍‌ରେ ପରିଚାଳନା ଦାୟିତ୍ୱ ବୃଦ୍ଧି ପାଇପାରେ। ସ୍ୱାତୀ ନକ୍ଷତ୍ର ଉଦାର ଗୁଣରୁ ସମସ୍ତଙ୍କର ପ୍ରିୟଭାଜନ ହେବେ।

**ବିଛା** ଦୀର୍ଘ ଦିନରୁ ଚିନ୍ତା କରୁଥିବା କାମରେ ଅଗ୍ରଗତିର ସୂଚନା ପାଇ ସାମୟିକ ଖୁସି ହେବେ। ବନ୍ଧୁ ମିଳନ ସହ ଆଧ୍ୟାତ୍ମିକ ଭାବଧାରାରେ ଉଦ୍ବୁଦ୍ଧ ହୋଇପାରନ୍ତି। କର୍ମ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। ଉଚ୍ଚବର୍ଗଙ୍କ ସହାୟତା ମିଳିବା ସାଙ୍ଗକୁ ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ଅତୀତ ଘଟଣାକୁ ଚିନ୍ତା କରି ଆଜି ସକାଳୁ ବିଭିନ୍ନ ଦୁଶ୍ଚିନ୍ତା ମନକୁ ଆକ୍ରାନ୍ତ କରିବ। ପାରିବାରିକ ସମସ୍ୟା ପଛକୁ ପକାଇ ଏକ ଗୁରୁତ୍ୱପୂର୍ଣ୍ଣ କାମକୁ ପ୍ରାଧାନ୍ୟ ଦେବେ। ପ୍ରକାଶନ, ପ୍ରଶାସନ, ରଚନାତ୍ମକ କାମ, ଗବେଷଣା, ଅନୁସନ୍ଧାନ, କଳା, ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ। ମହିଳାଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମକର** ଯୁକ୍ତିଯୁକ୍ତ କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ଲୋକଙ୍କୁ ମୁଗ୍ଧ କରିବାରେ ଅଗ୍ରଣୀ ହେବେ। ଋଣ ଭାର ବୃଦ୍ଧି ପାଉଥିବା କାରଣରୁ ଚିନ୍ତାଗ୍ରସ୍ତ ହୋଇପାରନ୍ତି। ମାଙ୍ଗଳିକ ତଥା ଜନକଲ୍ୟାଣମୂଳକ କାମରେ ନିଜକୁ ନିୟୋଜିତ କରି ଖୁସି ରହିବେ। ବ୍ୟବସାୟୀମାନେ ନିଜର ପ୍ରାଧାନ୍ୟ ବିସ୍ତାର କରି ବନ୍ଧୁଙ୍କ ସମସ୍ୟାକୁ ସୁଧାରି ନେବେ।

**କୁମ୍ଭ** ଆଜି ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବା ସହ ନିଜ ଲୋକମାନଙ୍କ ଶତ୍ରୁତା ମଧ୍ୟ ଦୁଶ୍ଚିନ୍ତାକୁ ବୃଦ୍ଧି କରିବ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବା ଦ୍ୱାରା ଅଟକି ଥିବା କାମ ତ୍ୱରାନ୍ୱିତ ହେବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ।

**ମୀନ** ଆଜି ଆପଣଙ୍କର ଯାହା କିଛି ସାଧାରଣ ସମସ୍ୟା ରହିଛି, ସେଥିରେ ବିଶେଷ ଅସୁବିଧା ହେବ ନାହିଁ। ପରିବହନ, ଲୋକ ସମ୍ପର୍କ, ଆଲୋଚନା, ସଭାସମିତି ପ୍ରଭୃତି ବିଭିନ୍ନ ଦିଗରୁ ଲାଭବାନ ହେବେ। ଆଗାମୀ ଆନୁଷ୍ଠାନିକ କାମ ସକାଶେ ଦୂରଯାତ୍ରା କରିବାକୁ ପଡ଼ିପାରେ। ପରିବାରରେ ପିତୃ ଅର୍ଜିତ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ।

ଆଜି ବୈଶାଖ କୃଷ୍ଣ ତୃତୀୟା, ଗୁରୁବାର, ଏପ୍ରିଲ ୨୯ ତାରିଖ, ବିଶ୍ୱ ନୃତ୍ୟ ଦିବସ, ରାଶି ନକ୍ଷତ୍ର-ଦିବା ଘ.୦୨।୨୯ ପର୍ଯ୍ୟନ୍ତ ଅନୁରାଧା/ବିଛା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୨ ଗତେ ଘ.୦୭।୦୪ ମଧ୍ୟେ, ଘ.୧୦।୨୭ ଗତେ ଘ. ୦୧।୦୦ ମଧ୍ୟେ ମାହେନ୍ଦ୍ରବେଳା। ରାତ୍ରି ଘ. ୦୨।୨୧ଗତେ ଘ.୦୩।୦୬ ମଧ୍ୟେ ଅମୃତବେଳା। ଦିବା ଘ.୦୧।୧୯ ଗତେ ଘ.୦୨।୫୪ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଦାନଗଦି ବ୍ଲକ ଆକାଉଣ୍ଟ୍ସ ଅଫିସରଙ୍କ ମୃତ୍ୟୁ

**କଳିଙ୍ଗନଗର,୨୮।୪(ଡି.ଏନ.ଏ.):** ଦାନଗଦି ବ୍ଲକ ଆକାଉଣ୍ଟସ ଅଫିସର ରଶ୍ମିରଞ୍ଜନ ନାୟକଙ୍କ ବୁଧବାର ରାଉରକେଲଠାରେ ମୃତ୍ୟୁ ଘଟିଛି। ତାଙ୍କ ଘର କେନ୍ଦୁଝର ଜିଲାରେ। ତାଙ୍କ ପରିବାର ରାଉରକେଲାରେ ରୁହନ୍ତି। ଦାନଗଦିକୁ ବଦଳି ହେବାପରେ ସେ ଏକ ଭଡ଼ା ଘରେ ରହୁଥିଲେ। ଗତ ୨୨ ତାରିଖରେ ତାଙ୍କ ଦେହ ଅସୁସ୍ଥ ଲାଗିବାରୁ ଦାନଗଦି ଡାକ୍ତରଖାନାରେ ତାଙ୍କର ସ୍ୱାବ ଟେଷ୍ଟ କରାଯାଇଥିଲା। ପରେ ସେ ଛୁଟି ନେଇ ବସ ଯୋଗେ ରାଉରକେଲା ପଳାଇଥିଲେ। ଏହାପରେ ତାଙ୍କ ସ୍ୱାବ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଥିବା ଜଣାପଡ଼ିଥିଲା। ତାଙ୍କର ମୃତ୍ୟୁ ଘଟିଥିବା ନେଇ ତାଙ୍କ ସ୍ତ୍ରୀ ଫୋନ କରି ବିଡିଓଙ୍କୁ ଜଣାଇଛନ୍ତି। ଏହି ଖବର ପ୍ରଚାରିତ ହେବାପରେ ବ୍ଲକରେ ଶୋକାକୁଳ ପରିବେଷ ସୃଷ୍ଟି ହୋଇଥିଲା। ସେ ୨ ମାସ ତଳେ ବ୍ଲକରେ ଯୋଗ ଦେଇଥିଲେ।

### ଅପହୃତା ନାବାଳିକା ଉଦ୍ଧାର

**ରସୁଲପୁର,୨୮।୪(ଡି.ଏନ.ଏ.):** କୁଆଖିଆ ଥାନା ଅଞ୍ଚଳରୁ ଗତ ୧୬ ତାରିଖରେ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ କେନ୍ଦୁଝରରୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ତେବେ ଅପହରଣକାରୀ ନାବାଳକ ହୋଇଥିବାରୁ ତାଙ୍କୁ ଅନୁଗୋଳସ୍ଥିତ ବାଳସ୍ୱଧାର ଗୃହକୁ ପଠାଇ ଦିଆଯାଇଛି। ଉଦ୍ଧାର ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କ ଜିମା ଦିଆଯାଇଛି। ସୂଚନାଯୋଗ୍ୟ, କେନ୍ଦୁଝର ଜିଲାର ଜଣେ ନାବାଳକ ରସୁଲପୁର କୁଆଖିଆ ଥାନା ଅଞ୍ଚଳର ବନ୍ଧୁ ଘରକୁ ଆସିଥିଲେ। ଏହି ସମୟରେ ବନ୍ଧୁ ଘର ପାଖର ଜଣେ ନାବାଳିକାଙ୍କ ସହ ତାଙ୍କର ସମ୍ପର୍କ ହୋଇଥିଲା। ପରେ ଉଭୟ ଫେରାର ହୋଇ ଯାଇଥିଲେ। ନାବାଳକ ଜଣକ ନାବାଳିକାଙ୍କୁ ନେଇ କେନ୍ଦୁଝର ଜିଲାରେ ରଖିଥିଲେ। ଏନେଇ କୁଆଖିଆ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ନଂ-୧୫୩/୨୧ ରୁଜୁ କରି ତଦନ୍ତ ଚଳାଇଥିଲା। ଏସ୍ଆଇ ଅନିତା ପ୍ରଧାନ ଉଭୟ ଝିଅପୁଅଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ।

### ୩୦୦ରୁ ଊର୍ଦ୍ଧ୍ୱ ଅକ୍ସିଜେନ ସିଲିଣ୍ଡର ମହଜୁଦ

**ଯାଜପୁର ଟାଉନ,୨୮।୪(ଡି.ଏନ.ଏ.):** ଯାଜପୁର ଜିଲାରେ ୩୦୦ରୁ ଊର୍ଦ୍ଧ୍ୱ ଅକ୍ସିଜେନ ସିଲିଣ୍ଡର ମହଜୁଦ ରହିଛି ବୋଲି ଜିଲା ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଧାଂଶୁ ଶେଖର ବଳ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜିଲା ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ଓ କୋଭିଡ୍ ହସ୍ପିଟାଲରେ ୩୨୬ଟି ସିଲିଣ୍ଡର ରହିଛି। ସେଥିରୁ ଯାଜପୁର କୋଭିଡ୍ କେୟାର ସେଣ୍ଟରରେ ୧୦୦, ମୁଖ୍ୟଚିକିତ୍ସାଳୟରେ ୧୦୦ଟି ସମେତ ଜିଲାର ୧୦ଟି ବ୍ଲକରେ ସ୍ୱାସ୍ଥ୍ୟକେନ୍ଦ୍ର ଓ ଯାଜପୁରରୋଡ ସରକାରୀ ଡାକ୍ତରଖାନାରେ ୧୨୬ଟି ସିଲିଣ୍ଡର ମହଜୁଦ ଅଛି। ଅକ୍ସିଜେନ୍ ଅଭାବ ଗୁଜବକୁ ବିଶ୍ୱାସ ନ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ ବିଭିନ୍ନ ରାଜ୍ୟରେ ବିଗିଡ଼ିଥିବା ପରିସ୍ଥିତିକୁ ଦେଖି ସରକାରଙ୍କ ଉପରେ ଭରଷା କରିପାରୁନାହାନ୍ତି ସାଧାରଣ ଜନତା। ଅନେକ ଲୋକ ନିଜ ଘରେ ଅକ୍ସିଜେନ ସିଲିଣ୍ଡର କିଣି ମହଜୁଦ ରଖିଥିବା ସୂଚନା ମିଳିଛି।

### ଚନ୍ଦନେଶ୍ୱର ଭାଜପା ମଣ୍ଡଳ ସଭାପତିଙ୍କ ଇସ୍ତଫା

**ରସୁଲପୁର,୨୮।୪(ଡି.ଏନ.ଏ.):** ରସୁଲପୁର ବ୍ଲକ ଭାଜପାକୁ ପୁଣି ଏକ ଧକ୍କା ଲାଗିଛି। ବୁଧବାର ଚନ୍ଦନେଶ୍ୱର ଭାଜପା ମଣ୍ଡଳ ସଭାପତି ଶଶିଭୂଷଣ ଦାଶ ଦଳର ସମସ୍ତ ପଦପଦବୀରୁ ଇସ୍ତଫା ଦେଇଛନ୍ତି। ଦାଶ ତାଙ୍କ ଇସ୍ତଫାପତ୍ରକୁ ଜିଲା ସଭାପତି ଗୌତମ ରାୟଙ୍କ ନିକଟକୁ ପଠାଇ ଦେଇଛନ୍ତି। ଅସୁସ୍ଥତା କାରଣରୁ ଦଳ ଛାଡୁଛନ୍ତି ବୋଲି ଶଶି ତାଙ୍କ ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି। ତେବେ ଚଳିତମାସରେ ରସୁଲପୁର ବ୍ଲକ ଭାଜପା ଶାଖାକୁ ଆଉ ଏକ ଶକ୍ତ ଧକ୍କା ଲାଗିଥିଲା। ୭ ଏପ୍ରିଲରେ ବ୍ଲକ ଅଧୀନ ୩୬ନଂ ଜୋନ ଜିଲାପରିଷଦ ସଦସ୍ୟ ଚତୁର୍ଭୁଜ ଦ୍ୱିବେଦୀ ଦଳ ଛାଡ଼ିଥିଲେ। ଏହି ଘଟଣାର ୩ ସପ୍ତାହ ପରେ ଶଶିଙ୍କ ଭଳି ଜଣେ ବରିଷ୍ଠ ସଂଗଠକ ଦଳ ଛାଡିଛନ୍ତି। ସେ ବିଜେଡିରେ ସାମିଲ ହେବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଆଗକୁ ଅନେକ କର୍ମୀ ଭାଜପା ଛାଡ଼ି ପାରନ୍ତି ବୋଲି ସୂଚନା ମିଳିଛି। ମେ' ୩ରେ ରସୁଲପୁର ବ୍ଲକ ରାଉତରାପରୁ ପଞ୍ଚାୟତରେ ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ଏଥିରେ ଭାଜପାର ଅନେକ ଛାମୁଆ କର୍ମୀ ଓ ତୃଣମୂଳସ୍ତରର ନେତା ଦଳ ଛାଡି ବିଜେଡିରେ ମିଶିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# କାର୍ଯ୍ୟକ୍ଷମ ହୋଇପାରୁନି ମେଗା ବିଦ୍ୟୁତ୍ ପ୍ରକଳ୍ପ

**ସମସ୍ୟାରେ ୧୦ ହଜାର ଉପଭୋକ୍ତା**

- କାର୍ଯ୍ୟ ସରିବାକୁ ନେଇ ବିଦ୍ୟୁତ୍ କମ୍ପାନୀ ଓ ଠିକା ସଂସ୍ଥା ଦୋଷ ଲଦାଲଦି

**ରସୁଲପୁର,୨୮।୪(ଡି.ଏନ.ଏ.)**



ନରସିଂହପୁରଠାରେ ନିର୍ମାଣାଧୀନ ବିଦ୍ୟୁତ୍ ପ୍ରକଳ୍ପ।

କୁଆଖିଆ ବିଦ୍ୟୁତ୍ ଡିଭିଜନ୍ ଓ ଧର୍ମଶାଳା ସବ୍‌ଡିଭିଜନର କୁଣ୍ଡପାଟଣା ବିଦ୍ୟୁତ୍ ସେକ୍ସନ ଅଧୀନରେ ୬କୋଟି ଟଙ୍କା ବ୍ୟୟରେ ମେଗା ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟ ୪ବର୍ଷ ତଳୁ ଆରମ୍ଭ ହୋଇଛି। ୬ମାସ ତଳୁ ନିର୍ମାଣ ଅବଧି ଶେଷ ହୋଇସାରିଛି। ମାତ୍ର ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଫଳରେ ୮ ପଞ୍ଚାୟତର ୧୦ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଉକ୍ତ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାରେ ବିଳମ୍ବକୁ ନେଇ ବିଦ୍ୟୁତ୍ କମ୍ପାନୀ ଟିପିଏନ୍‌ଓଡିଏଲ (ଟାଟା ପାୱାର ନର୍ଥ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍) ଓ ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥା ଏଲ୍‌ଆଣ୍ଡ୍‌ଟି ମଧ୍ୟରେ ଦୋଷ ଠେଲାଠେଲି ଲାଗିଛି।

ସୂଚନା ମୁତାବକ, କୁଣ୍ଡପାଟଣା, କାଏମା, କୋଟପୁର ୩ଟି ଫିଡର ଅଧୀନରେ ୮ ପଞ୍ଚାୟତ ଯଥା: ରସୁଲପୁର ବ୍ଲକର ରାଉତରାପୁର, ଧର୍ମଶାଳା ବ୍ଲକର କାଏମା, ପାଟପୁର, ମଙ୍ଗଳପୁର, ମିର୍ଜାପୁର, କୋଟପୁର, ଦେଓଦା ଓ ଉତ୍ତରପ୍ରତାପ ଆଦି ରହିଛି। ଏଠାରେ ବିଜୁଳି ସରବରାହକୁ ନେଇ ଉତ୍କଟ ସମସ୍ୟା ଉପୁଜୁଛି। ଏହାକୁ ଦୃଷ୍ଟିରେ ରଖି କାଏମା ପଞ୍ଚାୟତର ନରସିଂହପୁରଠାରେ ୩୩/୧୧କେ.ଭି. ସବଷ୍ଟେସନ ସ୍ଥାପନ କରାଯାଇ ୨୦୨୦ ସୁଧା ସାରିବାକୁ ପ୍ରାବଧାନ ରହିଥିଲା। ପ୍ରକଳ୍ପ ଅଧୀନରେ ୨ଟି ୫ ଏମ.ଭି.ଏ. ଟ୍ରାନ୍ସଫର୍ମର ରହିଛି। ଏହାବାଦ ପ୍ରକଳ୍ପ ଅଧୀନ କୁଣ୍ଡପଟାଣା, କୋଟପୁର, ନାଳକୂଳ ଭଳି ୩ଟି ଫିଡର ରହିଛି। ମୁଖ୍ୟ ଷ୍ଟ୍ରକ୍ଚର ସହ ୩ଟି ଫିଡର କାମ ଶେଷ ହୋଇଛି। ଗୋଟିଏ ୩୩କେ.ଭି. ଓ ୨ଟି ୧୧କେ.ଭି. ବିଦ୍ୟୁତ୍ ସଂଯୋଗୀକରଣ ସରିଛି। ଟ୍ରାନ୍ସଫରମରକୁ ଚାର୍ଜ କରାଯିବା ସହ ପୁରୁଣା ଲାଇନ ସହ ନୂଆ ଲାଇନକୁ ସଂଯୋଗୀକରଣ ପାଇଁ ସମସ୍ତ ପ୍ରସ୍ତୁତି ବି ସରିଛି। ଏହାପରେ ୮ ଫେବୃୟାରୀ ୨୦୨୧ରେ ଉକ୍ତ ନିର୍ମାଣ କାର୍ଯ୍ୟକୁ ବିଦ୍ୟୁତ ନିରୀକ୍ଷକଙ୍କ ଦ୍ୱାରା ନିରୀକ୍ଷଣ କରାଯାଇ ପ୍ରମାଣପତ୍ର ଦିଆଯାଇଛି। ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ପକ୍ଷରୁ ଏପ୍ରିଲ ୧୩ରେ ସବ୍‌ଷ୍ଟେସନ ଚାର୍ଜ କରିବା ଦିଗରେ ଠିକା ସଂସ୍ଥାକୁ ସହଯୋଗ କରିବା ପାଇଁ ଟିପିଏନ୍‌ଓଡିଏଲ ସହାୟତା ଲୋଡ଼ାଯାଇଛି। ତେବେ କମ୍ପାନୀ ପକ୍ଷରୁ ଉପଯୁକ୍ତ ସହାୟତା ମିଳୁ ନ ଥିବାରୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ ବୋଲି ଠିକା ସଂସ୍ଥାର ଉପରିସ୍ଥ ଅଧିକାରୀ ଅଭିଯୋଗ କରିଛନ୍ତି। ମାତ୍ର ଉକ୍ତ ଅଭିଯୋଗକୁ ଟିପିଏନ୍‌ଓଡିଏଲ ପକ୍ଷରୁ ଖଣ୍ଡନ କରାଯାଇଛି। ଟିପିଏନ୍‌ଓଡିଏଲ ପକ୍ଷରୁ କୁହାଯାଇଛି, ଠିକାସଂସ୍ଥା ନିର୍ମାଣ କାର୍ଯ୍ୟ ସାରିନାହିଁ। କୁଣ୍ଡପାଟଣା ଫିଡରରେ ୧୦ଟି ଖୁଣ୍ଟ ଅନ୍ୟ ଏକ ଫିଡରରେ ୫ଟି ଖୁଣ୍ଟ ପଡ଼ିବା କାର୍ଯ୍ୟ ବାକି ରହିଛି। ପୁରୁଣା ଲାଇନ ସହ ନୂତନ ଲାଇନ ସଂଯୋଗ ହୋଇ ନ ଥିବା ଭଳି କେତେକ କାର୍ଯ୍ୟ ଏବେ ବି ଅସମ୍ପୂର୍ଣ୍ଣ ରହିଛି।

### ଏମାନେ କୁହନ୍ତି...



"ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ମେ' ମାସରେ ସବଷ୍ଟେସନ ଚାର୍ଜ ହେବ। ଚାର୍ଜର ୧୫ଦିନ ଭିତରେ ବିଦ୍ୟୁତ୍ ସଞ୍ଚାରଣ କରାଯିବା ପରେ ଉକ୍ତ ପ୍ରକଳ୍ପକୁ ଟିପିଏନ୍‌ଓଡିଏଲକୁ ହସ୍ତାନ୍ତରଣ କରାଯିବ। ତେବେ କରୋନା କଟକଣା ସାଙ୍ଗକୁ ପ୍ରକଳ୍ପ ସ୍ଥଳରେ ବିଭିନ୍ନ ସମୟରେ ସାମଗ୍ରୀ ଚୋରି ହେବାରୁ ନିର୍ମାଣ କାର୍ଯ୍ୟ ଅବଧି ମଧ୍ୟରେ ଶେଷ ହୋଇ ପାରିନାହିଁ।

**ଧୀରେନ କୁମାର ବେହେରା,** ଫିଲ୍ଡ ଇଞ୍ଜିନିୟର, ଏଲ୍‌ଆଣ୍ଡ୍‌ଟି ଠିକାସଂସ୍ଥା।



"ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଟିପିଏନ୍‌ଓଡିଏଲକୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ବିଦ୍ୟୁତ୍ ସରବରାହରେ ବାଧା ଉପୁଜୁଥିବାରୁ ଉପଭୋକ୍ତାଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ତେବେ ପ୍ରକଳ୍ପଟ ଯେତେ ଶୀଘ୍ର କାର୍ଯ୍ୟକ୍ଷମ ହେବ ତାହା ବିଭାଗ ଓ ଲୋକ ଉଭୟଙ୍କ ପାଇଁ ଭଲ ହେବ। ଏବେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ। ମେ' ଶେଷ ସୁଧା ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ମୁଁ ଆଶାବାଦୀ।

**ଚିତ୍ତରଞ୍ଜନ ଭୁୟାଁ,** ଟିପିଏନ୍‌ଓଡିଏଲ କୁଣ୍ଡପାଟଣା ସେକ୍ସନ ଯନ୍ତ୍ରୀ



"ପ୍ରକଳ୍ପ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବାରେ ଅହେତୁକ ବିଳମ୍ବ ଘଟିଛି। ଏଥିପାଇଁ ଉଭୟ ଠିକାସଂସ୍ଥା ଓ ବିଦ୍ୟୁତ୍ ବିଭାଗ ଦାୟୀ। ଏଠି ଦୋଷ ଖୋଜି ଲାଭକ'ଣ। ରୁଗ୍ଣ ବିଦ୍ୟୁତ ସେବା ଯୋଗୁ ଲୋକେ ହୀନସ୍ଥା ହେଉଛନ୍ତି। ସେଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ତେଣୁ ଉକ୍ତ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକ୍ଷମ କରାଯାଉ। ନଚେତ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ।

**ପ୍ରଭାତ କୁମାର ପୃଷ୍ଟ,** ସ୍ଥାନୀୟବାସିନ୍ଦା

### ସଂକ୍ରମିତଙ୍କ ସଂଖ୍ୟା ୨ ହଜାର ଟପିଲା

**ଯାଜପୁର ଟାଉନ,୨୮।୪(ଡି.ଏନ.ଏ.)**

ଯାଜପୁର ଜିଲାରେ ଦିନକୁ ଦିନ ଭୟ ବଢ଼ାଉଛି କରୋନା। ଏପ୍ରିଲରେ ସଂକ୍ରମିତଙ୍କ ସଂଖ୍ୟା ୨ ହଜାର ଟପିବାକୁ ଲାଗିଲାଣି। ସରକାରୀ ସୂଚନା ଅନୁଯାୟୀ ବୁଧବାର ସୁଦ୍ଧା ଜିଲାରେ ୧୫୯୦ ଜଣ ସକ୍ରିୟ ସଂକ୍ରମିତ ରହିଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ୨ ହଜାର ୯୪ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୮୪ ଜଣ ସୁସ୍ଥ ହୋଇଥିବା ସୂଚନା ମିଳିଛି। ଇତି ମଧ୍ୟରେ ୧୨ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ବୋଲି ବେସରକାରୀ ସୂତ୍ରରୁ ଜଣାପଡ଼ିଛି। ଅଧିକାଂଶ ରୋଗୀଙ୍କ ମୃତ୍ୟୁ କୋଭିଡ୍ ହସ୍ପିଟାଲରେ ହୋଇଥିଲେ ମଧ୍ୟ ଏହାକୁ ସରକାରୀ ଭାବେ କୁହାଯାଇନାହିଁ। ମେ' ମାସରେ କରୋନା ଊର୍ଦ୍ଧ୍ୱମୁଖୀ ହୋଇ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହେବ ବୋଲି ପୂର୍ବାନୁମାନ କରାଯାଉଛି। କିନ୍ତୁ ଜିଲାର ଏକମାତ୍ର କୋଭିଡ୍ ହସ୍ପିଟାଲରେ ସୋମବାର ସନ୍ଧ୍ୟାରୁ ଗୁରୁତର ରୋଗୀଙ୍କ ପାଇଁ କୌଣସି ଶଯ୍ୟା ନ ଥିବା ଜଣାଯାଇଛି। ଜିଲା ସଦର ମହକୁମା ଏନସି କଲେଜର ନୂତନ ଗୃହରେ ୩୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର କରାଯାଇଥିଲେ ମଧ୍ୟ ସେଠାରେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଭେଣ୍ଟିଲେଟର ବ୍ୟବସ୍ଥା ମଧ୍ୟନାହିଁ। ଫଳରେ ଏହି କେନ୍ଦ୍ର କେବଳ ଚିକିତ୍ସା ସେବା ଯୋଗାଇବା ପରିବର୍ତ୍ତେ ସଙ୍ଗରୋଧ ଶିବିର ପାଲଟିଛି। ଯାହା ଫଳରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହେଉଛି।

## ସ୍ୱାମୀ ନିଖୋଜ, ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ସ୍ତ୍ରୀ

**ପାଣିକୋଇଲି, ୨୮।୪(ଡି.ଏନ.ଏ.)**

ନଳକୂପରୁ ପାଣି ଆଣିବାକୁ ଯାଇ ଗାଁର କେତେଜଣ ଲୋକଙ୍କଠାରୁ ମାଡ ଖାଇ ଘରକୁ ଆସିଥିଲେ ସ୍ୱାମୀ। ଏନେଇ ଗତ ୨୪ ତାରିଖ ଯାଜପୁର ଥାନା ଚିତାଲୋ ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନ ହେବାରୁ ତାଙ୍କ ସ୍ୱାମୀ ରାଧେଶ୍ୟାମ ଓଝା ନିଖୋଜ ହୋଇଯାଇଛନ୍ତି ବୋଲି ଏସ୍‌ପିଙ୍କ ନିକଟରେ ତାଙ୍କ ସ୍ତ୍ରୀ ଅନୁସୂୟା ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଯାଜପୁର ଥାନା ଚିତାଲୋ ଫାଣ୍ଡି ଅଧୀନ ଆନ୍ଦୋଳା ଗ୍ରାମର ରାଧେଶ୍ୟାମ ଘର ନିକଟସ୍ଥ ନଳକୂପରେ ୨୪ ତାରିଖ ସକାଳୁ ଗାଧୋଉଥିବା ବେଳେ ତାଙ୍କ ଗ୍ରାମର ଚିନା ବାରିକ, ମନୋଜ ବାରିକ, ପିଣ୍ଟୁ ବାରିକ, ପପୁ ପରିଡା, ନାରାୟଣ ପରିଡା ସଂଘବଦ୍ଧ ଭାବେ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରଦେବାକୁ ଧମକ ଦେଇଥିଲେ। ସେ ଚିତାଲୋ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେ ମାନସିକ ଭାରସାମ୍ୟ ହରାଇ କୁଆଡ଼େ ଚାଲିଯାଇଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି।



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ମହିଳା।

## ଜମି ବିବାଦରୁ ହଣାକଟା: ୧ ଆହତ, ଜଣେ ଗୁରୁତର

**ବିଞ୍ଝାରପୁର/ବରୀ,୨୮।୪(ଡି.ଏନ.ଏ.)**

ବିଞ୍ଝାରପୁର ଥାନା ଅଙ୍ଗାଲୋ ପଞ୍ଚାୟତ ଅରିଲୋ ଗ୍ରାମରେ ବୁଧବାର ଜମି ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। କଟୁରୀ ଚୋଟରେ ଜଣେ ଗୁରୁତର ହୋଇ କଟକ ସ୍ଥାନାନ୍ତର ହୋଇଛନ୍ତି। ଅନ୍ୟଜଣେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିକିତ୍ସିତ ହୋଇ ଫେରିଛନ୍ତି। ପୋଲିସ ପହଞ୍ଚି ତଦନ୍ତ କରିଥିବା ବେଳେ ଅଭିଯୁକ୍ତମାନେ ଫେରାର ହୋଇ ଯାଇଛନ୍ତି।

ଜମି ବିବାଦକୁ କେନ୍ଦ୍ରକରି ଅରିଲୋ ଗ୍ରାମର ପ୍ରଫୁଲ୍ଲ ସାମଲ ଓରଫ ପପୁ(୩୫) ଓ ପ୍ରତାପ ସାମଲ(୫୫)ଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ପପୁ ଉତକ୍ଷିପ୍ତ ହୋଇ ଧାରୁଆ ଅସ୍ତ୍ରରେ ପ୍ରତାପଙ୍କୁ ଆକ୍ରମଣ କରିଥିଲେ। ପ୍ରତାପଙ୍କୁ ଉଦ୍ଧାର କରିବାକୁ ଯାଇ ନରହରୀ ସାମଲ ଆହାତ ହୋଇଛନ୍ତି। ପ୍ରତାପଙ୍କ ମୁଣ୍ଡ ଓ ପେଟରେ ଗଭୀର ଆଘାତ ଲାଗିଛି। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସାପରେ ଡାକ୍ତର ତାଙ୍କୁ କଟକ ପଠାଇ ଦେଇଛନ୍ତି। ପ୍ରତାପ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟପଟେ ନରହରୀଙ୍କ ମୁଣ୍ଡରେ ଆଘାତ ଲାଗିଥିଲେ ମଧ୍ୟ ସେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିକିତ୍ସିତ ହୋଇ ଫେରିଛନ୍ତି। ଏସମ୍ପର୍କରେ ଆଇଆଇସି ନିରଞ୍ଜନ ଶବର କହିଛନ୍ତି, ଘଟଣାର ତଦନ୍ତ ଆରମ୍ଭ ହୋଇଛି। ତେବେ ଏ ପର୍ଯ୍ୟନ୍ତ ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ କରାଯାଇନାହିଁ। ଅଭିଯୋଗ ପରେ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ।

## ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ

**ଯାଜପୁର ଅଫିସ,୨୮।୪**

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଜିଲା ପ୍ରଶାସନ ଓ ପତଞ୍ଜଳି ଯୋଗ ସମିତି ପକ୍ଷରୁ ବୁଧବାର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସାମାଜିକ କର୍ମୀ ନିଶୀଥ ଦାସ, ଯୋଗଗୁରୁ ଗୋପୀନାଥ ସେଠୀ, ଆନନ୍ଦ ଚନ୍ଦ୍ର ସାହୁ, ସରୋଜ ଜେନା, ଅକ୍ଷୟ କୁମାର ଦାସ, ଦେବେନ୍ଦ୍ର ସେଠୀ, ସତ୍ୟବ୍ରତ ମହାନ୍ତି, ଶ୍ରୀନିବାସ ସାହୁ, ନମିତା ସାହୁ, ହୃଷୀକେଶ ନାଥ, ସୁଶାନ୍ତ କୁମାର ଗୋଚ୍ଛାୟତ ପ୍ରମୁଖ ଯୋଗ ଦେଇଥିଲେ।



ଜିଲା ପ୍ରଶାସନ ପକ୍ଷରୁ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ସେହିପରି ବ୍ୟାସନଗର ଶହୀଦ ଯୁବକ ସଂଘ ପକ୍ଷରୁ ବୁଧବାର ତହସିଲ ଅଫିସ ପ୍ରାଙ୍ଗଣରେ ଥିବା ଉତ୍କଳ ଗୌରବ ମଧୁସୂଦନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଉପଦେଷ୍ଟା ନାରାୟଣ ନାୟକ, ସମ୍ପାଦକ ହେମନ୍ତ ଧୀର, ବ୍ୟଙ୍ଗକବି ବାଇଧର ମାଝି, ମହେଶ୍ୱର ନାୟକ, ନିରଞ୍ଜନ ବଳ, ଧୈର୍ଯ୍ୟଧର ଦାଶ, ସରୋଜ ବାରିକ, ପପୁ ମଲିକ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ୧୩୧ କର୍ମଚାରୀଙ୍କୁ ଛଟେଇ କଲା ବିଜିଆର ଠିକାସଂସ୍ଥା

**କାଳିଆପାଣି,୨୮।୪(ଡି.ଏନ.ଏ.)**

ବିଜିଆର ପ୍ରାଇଭେଟ ଲିମିଟେଡ୍ କମ୍ପାନୀରୁ ୧୩୧ ଜଣ କର୍ମଚାରୀଙ୍କୁ ଗତ ୨୬ ତାରିଖରୁ ଛଟେଇ କରି ଦିଆଯାଇଛି। ଯାହାକୁ ନେଇ କର୍ମଚାରୀ ମହଲରେ ଅସନ୍ତୋଷ ଦେଖାଦେବା ସହ ଖଣିରେ ଉତ୍ତେଜନା ପ୍ରକାଶ ପାଇଛି। ଓଡ଼ିଶା ଖଣି ନିଗମ ପରିଚାଳିତ ଦକ୍ଷିଣ କାଳିଆପାଣି ଖଣିରେ କ୍ରୋମାଇଟ ଉତ୍ତୋଳନ କାର୍ଯ୍ୟ କରୁଥିବା ବିଜିଆର ଠିକା ସଂସ୍ଥା ସମ୍ପୃକ୍ତ କର୍ମଚାରୀଙ୍କୁ ଛଟେଇ କରିଥିବା ନେଇ ଏକ ଲିଷ୍ଟ ନୋଟିସ ବୋର୍ଡରେ ଲଗାଇଛି। ଫଳରେ ଛଟେଇ କର୍ମଚାରୀ ବୁଧବାର ସକାଳେ ଖଣି ଗେଟ ସମ୍ମୁଖରେ ରୁଣ୍ଡହେବା ସହ ଖଣି ପରିସରରେ ଥିବା ବିଜିଆର କ୍ୟାମ୍ପକୁ ଯାଇ ହୋହଲ୍ଲା କରିଥିଲେ। ତେବେ ଖଣି ଅଞ୍ଚଳରେ ଏବେ କର୍ମଚାରୀ ଓ ଶ୍ରମିକ ପ୍ରତିଦିନ କାର୍ଯ୍ୟ ହରାଉଥିବାରୁ ଆତଙ୍କିତ ହେବା ସହ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବା ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଉକ୍ତ ଠିକା ସଂସ୍ଥା ୪ ମାସ ପୂର୍ବରୁ ୧୨୬ କର୍ମଚାରୀଙ୍କୁ ଛଟେଇ କରିଥିଲା। ସେମାନେ ୪୦ ଦିନ ଧାରଣାରେ ବସିବା ପରେ ଓଡ଼ିଶା ଖଣି ନିଗମ ପକ୍ଷରୁ ସେମାନଙ୍କୁ ନିଯୁକ୍ତିର ପ୍ରତିଶ୍ରୁତି ଦିଆଯାଇ ଧାରଣାରୁ ଉଠାଯାଇଥିଲା। ତେବେ ୪ ମାସ ପରେ ପୁଣି ୧୩୧ କର୍ମଚାରୀଙ୍କୁ ଛଟେଇ କରିବା ଘଟଣା ସମସ୍ତଙ୍କୁ ଅଶ୍ଚର୍ଯ୍ୟ କରିଛି। ଏନେଇ ବିଜିଆର କମ୍ପାନୀ ମ୍ୟାନେଜର ଶିବା ରେଡ୍ଡିଙ୍କୁ ପଚାରିବାରେ ସେ କୌଣସି ପ୍ରଶ୍ନର ଉତ୍ତର ରଖି ନ ଥିଲେ।

### ବଢୁଛି ପିଜିଟିଭ ସଂଖ୍ୟା, ଦିନକରେ ୨୨ ଆକ୍ରାନ୍ତ

**ରସୁଲପୁର,୨୮।୪(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଞ୍ଚଳରେ କରୋନା ସ୍ଥିତି ଚିନ୍ତାଜନକ ହୋଇପଡ଼ିଛି। ବୁଧବାର ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୦ଜଣଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିଲା । ସେଥିରୁ ୨୨ ପଜିଟିଭ ଚିହ୍ନଟ ହୋଇଛନ୍ତି। ଦ୍ୱିତୀୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨୯ ଛୁଇଁଲାଣି। ଉକ୍ତ ଆକ୍ରାନ୍ତଙ୍କ ମଧ୍ୟରୁ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଚିନ୍ତାଜନକ ଥିବାରୁ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଅନ୍ୟ ସମସ୍ତଙ୍କୁ ଘରୋଇ ସଂଗରୋଧରେ ରହିବାକୁ ପରାମର୍ଶ ଦିଆଯାଇଛି। ଶେଷ ୪ଦିନ ପରୀକ୍ଷଣ ଅଙ୍କକୁ ଦେଖିଲେ ସ୍ଥିତି କେତେ ଗମ୍ଭୀର ତାହା ସ୍ପଷ୍ଟ ହୋଇଯାଉଛି। ଏହି ଦିନ ମାନଙ୍କରେ ୨୭୮ଜଣଙ୍କ ସ୍ୱାବ ପରୀକ୍ଷା କରାଯାଇଥିଲା। ସେଥିରୁ ୫୩ଜଣଙ୍କ ପଜିଟିଭ୍ ଆସିଥିଲା। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କରୋନା ପରୀକ୍ଷା ସୁବିଧା କରାଗଲେ ବ୍ଲକ ଅଞ୍ଚଳରେ ଦୈନିକ ସଂକ୍ରମଣ ସଂଖ୍ୟା ଶତକ ଛୁଇଁବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଏହାଛଡ଼ା ବିଭିନ୍ନ ଆକ୍ରାନ୍ତ ଜିଲା ଓ ରାଜ୍ୟରୁ ଆସୁଥିବା ବହିରାଗତଙ୍କୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି । ଗାଁ ଗଣ୍ଡାରେ ଏକାଧିକ ବହିରାଗତ ବୁଲୁଛନ୍ତି। କୋଲାକାତରୁ ଫେରୁଥିବା ବ୍ୟକ୍ତିଙ୍କୁ ୭ ଦିନ ହୋମ କ୍ୱାରାଣ୍ଟାଇନ ବାଧ୍ୟତାମୂଳକ। ଏଥିସହ ସେମାନଙ୍କୁ କରୋନା ପରୀକ୍ଷା କରିବାକୁ ପଡ଼ିବ ବୋଲି କୁହାଯାଉଛି। ମାତ୍ର ଏହା କେବଳ ଘୋଷଣାରେ ସିମୀତ ରହିଛି। ବହିରାଗତଙ୍କୁ ଜଗିବା ପାଇଁ କେହି ନ ଥିବା ଭଳି ମନେ ହେଉଛି। ସେହିପରି ପ୍ରତ୍ୟେହ ଚିହ୍ନଟ ହେଉଥିବା ଆକ୍ରାନ୍ତ ବାସ୍ତବରେ କେତେ ଡାକ୍ତରଙ୍କ ପରାମର୍ଶ ମାନୁଛନ୍ତି ତାହାକୁ ପରଖିବାକୁ କେହି ନାହାନ୍ତି। ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି ହୋଇଛି।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା

କାର୍ଯ୍ୟାଳୟରେ ଯୋଗାଣକାରୀ/ମୁଦ୍ରକମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ଟେଣ୍ଡର ବିଜ୍ଞପ୍ତି
(ପ୍ୟାନେଲ ବର୍ଷ ଜୁଲାଇ ୨୦୨୧- ମାର୍ଚ୍ଚ ୨୦୨୪)
ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର ସ୍ୱୀକୃତି ପ୍ରାପ୍ତ ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଇଚ୍ଛୁକ ଲିଖନ ସାମଗ୍ରୀ, କମ୍ପ୍ୟୁଟର ସାମଗ୍ରୀ ଏବଂ ସଫେଇ ସାମଗ୍ରୀଗୁଡ଼ିକର ଯୋଗାଣକାରୀ/ମୁଦ୍ରକମାନଙ୍କ ଠାରୁ ବନ୍ଦ ଲଫାପାରେ ଦରଖାସ୍ତ ଆହ୍ୱାନ କରୁଅଛି। ଏହି ସମ୍ପର୍କରେ ବିସ୍ତୃତ ବିବରଣୀ ଏବଂ ଆବେଦନ ପତ୍ର ପାଇଁ ଦୟାକରି ବ୍ୟାଙ୍କର ୱେବ୍‌ସାଇଟ୍ (www.rbi.org.in)ରେ ଥିବା "Tender" ବିଭାଗ ଦେଖନ୍ତୁ (https://www.rbi.org.in/Scripts/BS_ViewTenders.aspx)
ନିର୍ଦ୍ଦିଷ୍ଟ ଆବେଦନ ପତ୍ର ଏବଂ ବିସ୍ତୃତ ବିବରଣୀ, ଭାରତୀୟ ରିଜର୍ଭ ବ୍ୟାଙ୍କ, ସି.ଆର୍.ଡ଼ି.ଏସ୍., ଏଚ୍.ଆର୍.ଏମ୍.ଡି., ଦ୍ୱିତୀୟ ମହଲା, ଭୁବନେଶ୍ୱର-୭୫୧୦୦୧ରୁ ମଧ୍ୟ ସଂଗ୍ରହ କରାଯାଇ ପାରିବ। ସମ୍ପୂର୍ଣ୍ଣ ଭାବରେ ପୂରଣ ହୋଇଥିବା ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୨୦ ମଇ, ୨୦୨୧।
ଅଧିକାରପ୍ରାପ୍ତ ହସ୍ତାକ୍ଷରକର୍ତ୍ତା



**ସର୍ବସାଧାରଣ ଅଧିସୂଚନା**

ଦକ୍ଷିଣ ପୂର୍ବ ରେଳପଥର ନିମ୍ନଦର୍ଶିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳଧାରଣା ଓ ପରିସରର ବ୍ୟବହାରକାରୀମାନଙ୍କୁ ଏତଦ୍ୱାରା ନୋଟିସ ଦିଆଯାଉଛି ଯେ, ତା୨୦।୦୫।୨୦୨୧ରିଖ କିମ୍ବା ତାହା ପରେ ୨୫୦୦୦ ଭୋଲ୍ଟ, ୫୦ ହର୍ଜ, ଏସି ଓଭରହେଡ୍ ଟ୍ରାକ୍ସନ ତାରଗୁଡ଼ିକରେ ବିଦ୍ୟୁତ୍ ସରବରାହ ଆରମ୍ଭ କରାଯିବ। ତା୨୦।୦୫।୨୦୨୧ରିଖ ଓ ତାହା ପରଠାରୁ ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟରେ ଜୀବନ୍ତ ଭାବେ ବିବେଚନା କରାଯିବ ଏବଂ କୌଣସି ଅଣପ୍ରାଧିକୃତ ବ୍ୟକ୍ତି କଥିତ ଓଭରହେଡ୍ ଲାଇନ୍ ନିକଟକୁ ଯାଇପାରିବେ ନାହିଁ କିମ୍ବା ଏହା ନିକଟରେ କୌଣସି କାର୍ଯ୍ୟ କରିପାରିବେ ନାହିଁ ।

| କ୍ର. ସଂ. | ସେକ୍ସନ | ବିଦ୍ୟୁତ୍ ସରବରାହ ଆରମ୍ଭ ତାରିଖ |
|---|---|---|
| ୧. | ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନରେ ରାଉରକେଲା-ଝାରସୁଗୁଡ଼ା ମଧ୍ୟରେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ଫିଡର୍ ଲାଇନ୍ ସମେତ ଅତିରିକ୍ତ ଉପକରଣ ଏବଂ ତତ୍‌ସମ୍ପର୍କିତ ଆସେସୋରି ସହିତ ରାଜଗାଙ୍ଗପୁରଠାରେ ବିଦ୍ୟମାନ ୧୩୨/୨୫ କେଭି ଟ୍ରାକ୍ସନ୍ ସବ୍-ଷ୍ଟେଶନର ଗୋଟିଏ ବେ'ରେ ବିଦ୍ୟୁତ୍ ସରବରାହ ଆରମ୍ଭ | ୨୦।୦୫।୨୦୨୧ |
| ୨. | ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନରେ ରାଉରକେଲା-ଝାରସୁଗୁଡ଼ା ମଧ୍ୟରେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ଫିଡର୍ ଲାଇନ୍ ପିପିଓ-କେଏଲଜି ସେକ୍ସନ ସମେତ ଅବସ୍ଥିତି ନଂ.୪୨୪/୨୩ରୁ ୪୨୪/୨୭ (କିମି ଚେନେଜ୍ ୪୨୪/୭୩୨.୧୦ରୁ କିମି ଚେନେଜ୍ ୪୨୪/୮୨୪.୬୦) ମଧ୍ୟରେ କାଲୁଙ୍ଗାଠାରେ ନୂଆ ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (ଏସ୍‌ପି)ର ବିଦ୍ୟୁତ୍ ସରବରାହ ଆରମ୍ଭ | |
| ୩. | ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନରେ ରାଉରକେଲା-ଝାରସୁଗୁଡ଼ା ମଧ୍ୟରେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ଫିଡର୍ ଲାଇନ୍ ଏସ୍‌ଏକ୍ସଏନ୍-ଏସ୍‌ଓଜିଆର୍ ସେକ୍ସନ ସମେତ ଅବସ୍ଥିତି ନଂ.୪୪୯/୪ରୁ ୪୪୯/୬ ମଧ୍ୟରେ ସୋନାଖାନଠାରେ ନୂଆ ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (ଏସ୍‌ପି)ର ବିଦ୍ୟୁତ୍ ସରବରାହ ଆରମ୍ଭ | |
| ୪. | ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନରେ ରାଉରକେଲା-ଝାରସୁଗୁଡ଼ା ମଧ୍ୟରେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ଫିଡର୍ ଲାଇନ୍ ଟିଜିଏମ୍-ଜିପିଏଚ୍ ସେକ୍ସନ ସମେତ ଅବସ୍ଥିତି ନଂ.୪୬୮/୫ରୁ ୪୬୮/୭ ମଧ୍ୟରେ ଟାଙ୍ଗରମୁଣ୍ଡାଠାରେ ନୂଆ ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (ଏସ୍‌ପି)ର ବିଦ୍ୟୁତ୍ ସରବରାହ ଆରମ୍ଭ | |

(PR-45) ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ସିଓଏନ୍), ରାଉରକେଲା
ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ



**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-05-21
କାର୍ଯ୍ୟର ବିବରଣୀ : ତିନି ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ପୁରୀ କୋଚିଙ୍ଗ୍ ଡିପୋ ଠାରେ LHB ଟାଇପ୍ AC କୋଚ୍ ଏବଂ ହାଇବ୍ରିଡ୍ (Hybrid) ଟାଇପ୍ LHB AC କୋଚ୍‌ଗୁଡ଼ିକରେ ଗୁଡ଼ିକରେ ଲଗାଯାଇଥିବା RMPUs ନିମନ୍ତେ ବ୍ୟାପକ ରକ୍ଷଣାବେକ୍ଷଣ ଚୁକ୍ତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 4,81,46,191.90
(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-02-21
କାର୍ଯ୍ୟର ବିବରଣୀ : ତିନି ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭୁବନେଶ୍ୱର କୋଚିଙ୍ଗ୍ ଡିପୋ ଠାରେ LHB ଟାଇପ୍ AC କୋଚ୍ ଏବଂ ହାଇବ୍ରିଡ୍ (Hybrid) ଟାଇପ୍ LHB AC କୋଚ୍‌ଗୁଡ଼ିକରେ ଗୁଡ଼ିକରେ ଲଗାଯାଇଥିବା RMPUs ନିମନ୍ତେ ବ୍ୟାପକ ରକ୍ଷଣାବେକ୍ଷଣ ଚୁକ୍ତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 4,69,52,791.03
ଶେଷ ହେବା ଅବଧି : 36 ମାସ । (ଉଭୟ ଟେଣ୍ଡର ନିମନ୍ତେ)
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.19.05.2021 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜେନେରାଲ), ଖୋର୍ଦ୍ଧା ରୋଡ଼
PR-58/M/21-22



**OFFICE OF THE EXECUTIVE ENGINEER, R.W.S.&S. DIVISION, NUAPADA**
E-mail: eerwssnpd@rediffmail.com
1st Corrigendum to Bid Identification No. RWS&S_02/2021-22
No.O-109:- Remaining unaltered of all terms and conditions, the following changes are hereby made to Bid Identification No. RWS&S_02/2021-22 of the Executive Engineer, RWS&S Division, Nuapada by virtue of this corrigendum as mentioned below:

| As per Original NIT | As per Corrigendum |
|---|---|
| Date and Time of availability of bid document in the portal: 26.04.2021 at 10.00 A.M. | Date and Time of availability of bid document in the portal: 04.05.2021 at 10.00 A.M. |
| Last date /Time for receipt of bids in the portal : 05.05.2021 up to 5.00 P.M. | Last date /Time for receipt of bids in the portal : 11.05.2021 up to 5.00 P.M. |
| Date of Opening of bid: 07.05.2021 at 11.00 A.M. | Date of Opening of bid : 13.05.2021 at 11.00 A.M. |

Sd./- 27.04.21 (Er. G. C. Nayak)
Executive Engineer, RWSS Division, Nuapada
OIPR-25043/11/0005/2122



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org
No. CAD-195
ପତ୍ର ସଂଖ୍ୟା : ୨୨୦ **ବିଜ୍ଞାପନ** ତା. : ୧୬।୪।୨୧
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଡୁମୁଡୁମା, ଦ୍ୱିତୀୟ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ-ଏଲ୍-୧୬୭୦ (L-1670) ଟି କୁ ଶ୍ରୀ ଅନୀଲ୍ କୁମାର ଦାଶ, ପି-ଂ ଦୁଃଖିଶ୍ୟାମ ଦାଶ, ସା/ପୋ- ଘାଟିକିଆ, ଥା- ଖଣ୍ଡଗିରି, ଜି-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଅନୀଲ୍ କୁମାର ଦାଶ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ମୋନାଲିସା ପଣ୍ଡା, ସ୍ୱା-ଶ୍ରୀ ଅରବିନ୍ଦ ପଣ୍ଡା, ସା/ପୋ- ମଧ ଶାସନ, ଥା- ବିରିଡ଼ି, ଜି- ଜଗତ୍‌ସିଂହପୁରଙ୍କ ନାମରେ ମାଲିକାନା ସତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।
ସ୍ୱା- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0030/2122

## ସଂକ୍ଷେପରେ

### ୧୩ ଦିନ ହେଲା ଯୁବତୀଙ୍କ ମିଳୁନି ପତ୍ତା

**ବାଲିକୁଦା,୨୮।୪(ସ୍ୱପ୍ର):** ବୋରିକିନା ପଞ୍ଚାୟତ ଓଲାଷ ଗାଁର ଗୋପାଳ ଗୋଚ୍ଛାୟତଙ୍କ ଅବିବାହିତା ଝିଅ ରେଣୁବାଳା (୪୫) ଗତ ୧୫ ତାରିଖ ଅଧରାତିରୁ ଘରୁ କେଉଁ ଆଡ଼େ ଚାଲି ଯାଇଛନ୍ତି। ତାଙ୍କୁ ୧୩ ଦିନ ହେଲା ଖୋଜାଖୋଜି କରି ନ ପାଇବାରୁ ଶେଷରେ ମଙ୍ଗଳବାର ଗୋପାଳ ଝିଅ ନିଖୋଜ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରେଣୁବାଳା ରାତିରୁ ଶୋଇଥିବା ଘରେ ନ ଥିବାରୁ ପରିବାର ଲୋକେ ତାଙ୍କୁ ଚାରିଆଡ଼େ ଖୋଜି ଥିଲେ। ଏପରିକି ବନ୍ଧୁ ବାନ୍ଧବଙ୍କ ଘରୁ ମଧ ତାଙ୍କର କୌଣସି ସୂଚନା ପାଇ ନ ଥିଲେ। ରେଣୁବାଳା ଜଣେ ମାନସିକ ଭିନ୍ନକ୍ଷମ ଯୁବତୀ। ଘରୁ ଯିବା ସମୟରେ ସେ କେବଳ ଡ୍ରେସ ପିନ୍ଧି ଥିବା ବେଳେ ଘରୁ କୌଣସି ଜିନିଷ ନେଇ ନ ଥିବା ଗୋପାଳ ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

### ଚୋରି ଘଟଣାରେ ଜଣେ ଜେଲ ଗଲା

**କୁଜଙ୍ଗ, ୨୮।୪(ଡି.ଏନ.ଏ.):** କୁଜଙ୍ଗ ଥାନା ଜେଆରୱାଇ ମାର୍କେଟ କମ୍ପ୍ଲେକ୍ସରୁ ଗତ ୨୫ ତାରିଖ ବିଳମ୍ବିତ ରାତିରେ ଚୋରି ଘଟଣାରେ ପୋଲିସ ବୁଧବାର ଜଗନ୍ନାଥପୁର ଗ୍ରାମର ରୁଗୁଡି ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ରୁଗୁଡି ଏବଂ ଅନ୍ୟଜଣେ ଯୁବକଙ୍କୁ ପୋଲିସ ଦୁଇଦିନ ଅଟକ ରଖି ଜେରା କରୁଥିଲା। ରୁଗୁଡି ଚୋରିରେ ସମ୍ପୃକ୍ତ ଥିବାର ମାନି ଯାଇଥିଲେ। ତାର ଅନ୍ୟ ସହଯୋଗୀଙ୍କର ନାମ ପୋଲିସ ଆଗରେ ପ୍ରକାଶ କରିଥିଲେ। ହେଲେ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଆଇଆଇସି ପାରାଓ ଟୁଡୁ ସହଯୋଗୀଙ୍କ ନାମ ପ୍ରକାଶ କରିନାହାନ୍ତି। ପୋଲିସ ନଂ. ୧୪୩/୨୧ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ମନୋଜ ଦାସଙ୍କ ବିୟୋଗରେ ଶୋକ

**କୁଜଙ୍ଗ,୨୮।୪(ଡି.ଏନ.ଏ.):** ଭାରତୀୟ କଥା ସାହିତ୍ୟର ଯଶସ୍ୱୀ ସାରସ୍ୱତ ସାଧକ ପଦ୍ମଭୂଷଣ ମନୋଜ ଦାସଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସ୍ୱର୍ଗତ ଦାସଙ୍କ ପରଲୋକରେ ଉତ୍କଳ ଜନନୀ ତା'ର ଜଣେ ସୁଯୋଗ୍ୟ ସନ୍ତାନକୁ ହରାଇବା ସଙ୍ଗେ ସଙ୍ଗେ କୁଜଙ୍ଗ ଗ୍ରାଇଁ ପୁଅକୁ ହରାଇଛି। ତାଙ୍କର ଏହି ଅକାଳ ବିୟୋଗରେ କୁଜଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ କୈଳାସ ବେହେରାଙ୍କ ସଭାପତିତ୍ୱରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ, ଗୌରହରି ସ୍ୱାଇଁ, ହରିଗୁରୁ ଦାସ, ନିତମ୍ବିନୀ ସାମନ୍ତରାୟ, ନବ କୁମାର ସାହୁ, ଶିବ କୁମାର ସାହୁ, ଶିବ ପରିଡା, ହିରଣ୍ୟ କୁମାର ସ୍ୱାଇଁ ପ୍ରମୁଖ ତାଙ୍କର ସ୍ମୃତିଚାରଣ କରିଥିଲେ।

### ଜଗତ୍‌ସିଂହପୁରରେ କୋଭିଡ୍ ହସ୍ପିଟାଲ ହେଉ

**ଜଗତ୍‌ସିଂହପୁର ଅଫିସ,୨୮।୪:** ଜିଲା ମୁଖ୍ୟାଳୟରେ ଏକ ଅତ୍ୟାଧୁନିକ କୋଭିଡ୍ ହସ୍ପିଟାଲ ସହ ପର୍ଯ୍ୟାପ୍ତ ପରିମାଣର ଔଷଧ, ଶଯ୍ୟା, ଅମ୍ଳଜାନ ସହ ଡାକ୍ତର ଏବଂ ପାରାମେଡିକାଲ କର୍ମଚାରୀ ନିୟୋଜିତ କରାଯାଉ। ଟିକାକରଣ କେନ୍ଦ୍ରଗୁଡିକରେ ଲୋକସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଏହି ସଂଖ୍ୟା ବୃଦ୍ଧି ସହ ସୁରକ୍ଷା କାରଣରୁ ପୋଲିସ ବ୍ୟବସ୍ଥା କରାଯାଉ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଦିଆଯାଉଥିବା କୋଭିଡ୍ ପ୍ରତିଶେଧକ ଟିକା ପର୍ଯ୍ୟାପ୍ତ ହେଉନି। ତେଣୁ ଏହା ବୃଦ୍ଧି ପରୀକ୍ଷା ସହ ରିପୋର୍ଟ ୨୪ ଘଣ୍ଟା ମଧ୍ୟରେ ପ୍ରଦାନ କରାଯାଉ। ସେଠାରେ ଅସ୍ଥାୟୀ ବିଶ୍ରାମ ଗୃହ, ପାନୀୟ ଜଳର ବ୍ୟବସ୍ଥା ମଧ ହେଉ। ବୁଧବାର ଭାଜପା ନେତା ରାଜକିଶୋର ବେହେରା, ଆଇନଜୀବୀ ଗଗନ ଚନ୍ଦ୍ର ଦାଶ, ରୂପକ ଖୁଣ୍ଟିଆ, ତରୁଣ କୁମାର ଦାସ ଓ ସୁଦର୍ଶନ ପଣ୍ଡା ପ୍ରମୁଖ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ନିକଟରେ ଦାବି ରଖିଛନ୍ତି।

### ପାରାଦୀପ ଏଲ୍‌ଆଇସି ଶାଖା ୨ ଦିନ ଶଟ୍‌ଡାଉନ୍

**ପାରାଦୀପ,୨୮।୪(ସ୍ୱ.ପ୍ର.):** ପାରାଦୀପ ଏଲ୍‌ଆଇସି ଶାଖା ମଙ୍ଗଳବାର ଓ ବୁଧବାର ଦୁଇଦିନ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। କାରଣ କରୋନା ପ୍ରଭାବରେ ଜଣେ ବରିଷ୍ଠ ଅଧିକାରୀଙ୍କ ସୋମବାର ରାତିରେ ମୃତ୍ୟୁ ଘଟିଛି। ଏଥିପାଇଁ ଅଫିସ ୨ଦିନ ଶଟ୍‌ଡାଉନ୍ କରାଯିବା ସହ ସାନିଟାଇଜ କରାଯାଇଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# କରୋନା ଛଡ଼ାଇ ନେଇଛି କ୍ୟାରିୟର

**କେନ୍ଦ୍ରାପଡା ଅଫିସ, ୨୮।୪**



କେନ୍ଦ୍ରାପଡ଼ା ତିନିମୁହାଣି ଛକଠାରେ ଯୁକ୍ତ ୨ ପରୀକ୍ଷା ବାତିଲ ଦାବିରେ ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ।

- ଯୁକ୍ତ ୨ ପରୀକ୍ଷା ବାତିଲ ଦାବିରେ ରାସ୍ତାରୋକୋ
- ଜୀବନ ମୃତ୍ୟୁର ଦୋଛକିରେ ଶିକ୍ଷା ବ୍ୟବସ୍ଥା

ଯୁକ୍ତ ୨ ପରୀକ୍ଷା ବାତିଲ ଦାବିରେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର କେନ୍ଦ୍ରାପଡ଼ା ଜିଲା ତିନି ମୁହାଣି ଛକଠାରେ ଦୀର୍ଘ ୪ ଘଣ୍ଟା ଧରି ରାସ୍ତାରୋକୋ ବୁଧବାର ହୋଇଛି। କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ସହ ଜିଲାର ୧୩ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏହି ରାସ୍ତାରୋକୋରେ ସାମିଲ ହୋଇଥିଲେ। ରାଜ୍ୟ ସରକାର କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମାଟ୍ରିକ ପରୀକ୍ଷା ବାତିଲ କରିଛନ୍ତି। ହେଲେ କେଉଁ କାରଣ ପାଇଁ ଯୁକ୍ତ ୨ ପରୀକ୍ଷା ନିଷ୍ପତ୍ତିକୁ ଜୁନ ପର୍ଯ୍ୟନ୍ତ ଅଟକାଇଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଉପଜିଲାପାଳ ନିରଞ୍ଜନ ବେହେରା ଘଟଣାସ୍ଥଳରେ ପହଞ୍ଚି ପରୀକ୍ଷା ବାତିଲ ପାଇଁ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଛି। ଅପରପକ୍ଷେ କରୋନା ସଂକ୍ରମଣ ସମୟରେ ଶିକ୍ଷା ବ୍ୟବସ୍ଥା ଠିକଣା ଭାବେ ଗତିଶୀଳ ହୋଇପାରି ନ ଥିବା ଶିକ୍ଷାବିତ, ବୁଦ୍ଧିଜୀବୀ ଓ ଅଭିଭାବକମାନେ ମତ ଦେଇଛନ୍ତି। କ୍ୟାରିୟର ବରବାଦ ହେଉଥିବା ବେଳେ ଜୀବନ ଓ ମୃତ୍ୟୁର ଦୋଛକିରେ ଶିକ୍ଷାର୍ଥୀ ରହିଛନ୍ତି। ଉଚ୍ଚଶିକ୍ଷା ପାଇଁ ଏଣ୍ଟ୍ରାନ୍ସ ପରୀକ୍ଷା ହେଲେ ମେଧାବୀ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ସେମାନେ ଦାବି କରିଛନ୍ତି।

ଯୁକ୍ତ ୨ ଛାତ୍ରୀ ମୋନାଲିସା ପତି କହିଛନ୍ତି, ଶିକ୍ଷା ବ୍ୟକ୍ତିତ୍ୱ, ସମାଜ ତଥା ଦେଶକୁ ଉଚ୍ଚରୁ ଉଚ୍ଚତମ ସ୍ଥାନକୁ ନେଇପାରେ। ତେବେ କରୋନା ସଂକ୍ରମଣ ଏହାର ପ୍ରତିବନ୍ଧକ ସାଜିଛି। ବର୍ଷାଧିକ ସମୟ କଲେଜ ବନ୍ଦ ରହିଥିବା ବେଳେ ନାମକୁ ମାତ୍ର ଅନ୍‌ଲାଇନ କ୍ଲାସ ଚାଲିଛି। ପ୍ରତ୍ୟକ୍ଷ ଜ୍ଞାନ ଆହରଣ ହୋଇ ନ ଥିବାରୁ ଶିକ୍ଷାର୍ଥୀ ପରୀକ୍ଷା ପାଇଁ ଅଦ୍ୟାବଧି ପ୍ରସ୍ତୁତ ହୋଇନାହାନ୍ତି। ଏହା ବ୍ୟତୀତ ଜିଲାର ଛାତ୍ରୀଛାତ୍ରଙ୍କ ଆର୍ଥିକ ଅବସ୍ଥା ଉନ୍ନତ ନୁହେଁ। ପ୍ରତ୍ୟେକଙ୍କ ନିକଟରେ ପାଠ ପଢ଼ିବାକୁ ମୋବାଇଲର ସୁବିଧା ନାହିଁ। ବିଜୁଳି, ଡାଟା ରିଚାର୍ଜ କରିବା, ନେଟୱର୍କ ସମସ୍ୟା ସହ ଅଫଲାଇନ ପରୀକ୍ଷା ଏବେ ସମ୍ଭବ ନୁହେଁ। ସେହିପରି କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମାଟ୍ରିକ ପରୀକ୍ଷା ବନ୍ଦ କରାଯାଇଛି। କ'ଣ ପାଇଁ ଯୁକ୍ତ ୨ ପରୀକ୍ଷା ହେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଅଭିଭାବକ ଲକ୍ଷ୍ମୀକାନ୍ତ ନାୟକ କହିଛନ୍ତି, ଦେଶର ପରିବର୍ତ୍ତନ ଓ ବିକାଶର ପ୍ରଥମ ପାହାଚ ହେଉଛି ଶିକ୍ଷା ବ୍ୟବସ୍ଥା। ଏହା ଏବେ ବିପନ୍ନ ହୋଇଛି। କରୋନା ସଂକ୍ରମଣ ଶିକ୍ଷାର୍ଥୀଙ୍କ ପାଠପଢ଼ାକୁ ପ୍ରଭାବିତ କରିଛି। ଦୀର୍ଘଦିନ ଧରି ପାଠପଢ଼ା ବନ୍ଦ ରହିଥିବାରୁ ପରୀକ୍ଷା କରି ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିବା ଏକ କଷ୍ଟକର ବ୍ୟାପାର। ସରକାର ଅନ୍‌ଲାଇନ ଶ୍ରେଣୀ ବା ଇଣ୍ଟରନେଟ ଜରିଆରେ ଶିକ୍ଷାଦାନ କଥା ବାରମ୍ବାର ଦୋହରାଉଥିଲେ ମଧ ଶିକ୍ଷା ପୂର୍ବର ମାନବ ଗଠନକାରୀ ରୂପ ଫେରି ପାଇନାହିଁ। ଏହି ଅନ୍ତସାର ଶୂନ୍ୟ ପାଠପଢା ମେଧାବୀ ଛାତ୍ରଙ୍କ କ୍ୟାରିୟର ବରବାଦ କରୁଛି। ସର୍ବ ଭାରତୀୟସ୍ତରରେ ପ୍ରତିଯୋଗିତାରେ ପିଲାଙ୍କ ଉଚ୍ଚ ଆଶା କରୋନା ସଂକ୍ରମଣ ପାଇଁ ନଷ୍ଟ ହୋଇଯାଇଛି। ଶିକ୍ଷାବିତ ଡ. ସର୍ବେଶ୍ୱର ସେଣ କହିଛନ୍ତି, କରୋନା ସଂକ୍ରମଣ ପାଇଁ ପରୀକ୍ଷା ବାତିଲ ଦ୍ୱାରା ସମସ୍ତ ଶିକ୍ଷାର୍ଥୀ ଉପକୃତ ହୋଇପାରିବେ ନାହିଁ। ପରୀକ୍ଷା ପରିଚାଳନାକୁ ନେଇ ଏବେ ବି ତର୍ଜମାର ଆବଶ୍ୟକତା ଅଛି। ପୂର୍ଣ୍ଣ ମାର୍କରେ ପରୀକ୍ଷା ନ କରି ଅଳ୍ପ ମାର୍କକୁ ନେଇ କୋଭିଡ୍ ନିୟମ ମାନି ପରୀକ୍ଷା ହୋଇପାରିବ। ସେହିପରି ପରୀକ୍ଷାକୁ ବାତିଲ କଲେ ଉଚ୍ଚଶିକ୍ଷା ପାଇଁ ଏଣ୍ଟ୍ରାନ୍ସ ପରୀକ୍ଷା ଜରୁରୀ। କରୋନା ସଂକ୍ରମଣରେ ଶିକ୍ଷାର୍ଥୀଙ୍କ ମାନସିକ ଆବେଗକୁ ନେଇ ରାଜ୍ୟ ସରକାର ଚିନ୍ତା କରିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

## କୋର୍ଟରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**କୁଜଙ୍ଗ, ୨୮।୪ (ଡି.ଏନ.ଏ.)**

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ବୁଧବାର କୁଜଙ୍ଗ ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଆଇନଜୀବୀ ଅମୃତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ଭାବେ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ, ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଅତିଥି ଭାବେ ଅତିରିକ୍ତ ଜିଲା ଦୌରାଜଜ୍ ଓ ସ୍ୱତନ୍ତ୍ର ଜଜ୍ ପୋକ୍ସୋ ଜଗତ୍‌ସିଂହପୁର ଇତିଶ୍ରୀ ମାଳବିକା ଭୂୟାଁ, ସବ୍‌ଜଜ୍ ପ୍ରିୟରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ ମଧୁସୂଦନ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ ଥିଲେ। ଏଥିରେ ଆଇନଜୀବୀ ସୁଶାନ୍ତ ପଟ୍ଟନାୟକ, ରମେଶ ଚନ୍ଦ୍ର ଦାସ, ନୃସିଂହ ପ୍ରଧାନ, କୈଳାସ ମହାପାତ୍ର, ଦାମୋଦର ସ୍ୱାଇଁ, ଏ.ଏନ.ଡି. ଯାଦବ, ଭାରତ ଭୂଷଣ ଦାସ, ଗଗନ ବିହାରୀ ସ୍ୱାଇଁ, କାର୍ତ୍ତିକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ଜଗତ୍‌ସିଂହପୁରର ପୂର୍ବତନ ପୌରପାଳ ବିପ୍ଳବ ଚୌଧୁରୀ ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। କୁଜଙ୍ଗ ଓକିଲ ସଂଘ ପକ୍ଷରୁ ଅତିରିକ୍ତ ଜିଲା ଦୌରାଜଜ୍ ରାଉତରାୟ, ମୁଖ୍ୟ ଅତିଥି ଜିଲାପାଳ ମହାପାତ୍ରଙ୍କୁ ମାଟିର ସୁଯୋଗ୍ୟ ସନ୍ତାନ ଭାବେ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମୁଖ୍ୟଅତିଥି ମହାପାତ୍ର ସଂଘର ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ ଓ କୈଳାସ ଚନ୍ଦ୍ର ପରିଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଇନଜୀବୀ ସୁଶାନ୍ତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ସଂଘର ସମ୍ପାଦକ ସଞ୍ଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।



କୁଜଙ୍ଗ କୋର୍ଟରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଘାଇ ଭାଙ୍ଗି ଲୁଣାଜଳ ଗାଁରେ ପଶିଲା

**ମହାକାଳପଡ଼ା,୨୮।୪(ଡି.ଏନ.ଏ.)**

ପୂର୍ଣ୍ଣିମା ଯୋଗୁ ସମୁଦ୍ରର ଜୁଆର ମାଡ଼ି ଆସି ଚାଷ ଜମିରେ ପଶିଛି। ଘାଇ ଭାଙ୍ଗି ଲୁଣା ଜଳ ପ୍ରବେଶ କରିଛି। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ଚିନ୍ତା ବଢ଼ିଛି। ସୂଚନା ଅନୁଯାୟୀ, ମଙ୍ଗଳପୁର ଗ୍ରାମ ନିକଟ ଲୁଣା ନଦୀ ନିକଟ ସ୍ଲୁଇସ୍ ଗେଟ୍‌ରେ ଫାଟକ ନାହିଁ। ଫଳରେ ଲୁଣାଜଳ ଚାଷ ଜମିକୁ ମାଡ଼ି ଆସିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ସ୍ଲୁଇସ ଗେଟ୍ ୧ ବର୍ଷ ତଳେ ନିର୍ମାଣ କରାଯାଇଥିଲା। ଅଦ୍ୟାବଧି ଲୁଣାଜଳକୁ ଅଟକାଇବା ପାଇଁ ଲୁହା ଗେଟ୍ ଲଗାଯାଇ ନ ଥିବା ଚାଷୀମାନେ କହିଛନ୍ତି।



ପିଛିଲା ବନ୍ଧ ଭାଙ୍ଗି ଲୁଣା ଜଳ ଗାଁକୁ ପ୍ରବେଶ କରୁଛି।

## ଯୁବକଙ୍କୁ ଚୋରା ମଦ ବେପାରୀଙ୍କ ଆକ୍ରମଣ

**ବାଲିକୁଦା,୨୮।୪(ସ୍ୱପ୍ର)**

ବନ୍ଦର ସାମୁଦ୍ରିକ ଥାନା ପାଖରେ ଦମ୍ପତିଙ୍କ ଚୋରା ମଦ ବେପାରକୁ ନେଇ ବୁଧବାର ଅଭାବନୀୟ ଘଟଣା ଘଟିଛି। ଏଥିରେ ସମ୍ପୃକ୍ତ ଚୋରା ମଦ ବ୍ୟବସାୟୀ ଦମ୍ପତି ଦୁଇଜଣ ଯୁବକଙ୍କୁ ରାସ୍ତାରେ ଅଟକାଇ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଖଣ୍ଡାରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏ ନେଇ ଥାନାରେ ସ୍ଥାନୀୟ ମୁରବି ଓ ଯୁବ ଗୋଷ୍ଠୀ ପହଞ୍ଚି ଅଭିଯୋଗ କରିଥିଲେ। ମାତ୍ର ଥାନା ଅଧିକାରୀ ଅଜୟ କୁମାର ମୁଦୁଲି ଅନୁପସ୍ଥିତ ଥିବାରୁ ଯୁବ ଗୋଷ୍ଠୀ ଥାନାକୁ ଘେରାଉ କରିଥିଲେ। ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଦାବି କରିବା ସହ ଆଇଆଇସି ଥାନାରେ ବହୁ ସମୟ ଅନୁପସ୍ଥିତ ରହୁଥିବାରୁ ଏହାକୁ ବିରୋଧ କରିଥିଲେ। ମିଳିଥିବା ସୂଚନା ମୁତାବକ, ବନ୍ଦର ସାମୁଦ୍ରିକ ଥାନାଠାରୁ କିଛି ଦୂରରେ ଥିବା ଏକ ଦୋକାନରେ ବେଆଇନ ଭାବେ ମଦ ବ୍ୟବସାୟ ଚାଲିଛି। ଏହାର ଭିଡିଓ କେହି ଜଣେ ମୋବାଇଲରେ ଉତ୍ତୋଳନ କରି ଭାଇରାଲ କରିଥିଲେ। ମଦ ବେପାର କରୁଥିବା ଦମ୍ପତିଙ୍କ ଫଟୋ ସେହି ଭିଡିଓରେ ଦେଖିବାକୁ ମିଳିଥିଲା। ଭିଡିଓକୁ ଉକ୍ତ ଅଞ୍ଚଳର ଦିପୁ ପଲେଇ କରିଥିବା ଦମ୍ପତିଙ୍କ ସନ୍ଦେହ ହୋଇଥିଲା। ପୂର୍ବାହ୍ନ ୧୧ ଟାରେ ଦିପୁ ଓ ତାଙ୍କ ସାଙ୍ଗ ଭୂବନ ସେନାପତି କୌଣସି କାମରେ ଯାଉଥିଲେ। ସେମାନଙ୍କୁ ମଦ ବ୍ୟବସାୟ କରୁଥିବା ମହିଳା ଜଣକ ଅଟକାଇ ହଠାତ୍ ଗାଳିଗୁଲଜ କରିଥିଲେ। ଦିପୁ ଓ ଭୂବନ ଏହାର ପ୍ରତିବାଦ କରିବାରୁ ତାଙ୍କ ସ୍ୱାମୀ ଘରୁ ବାହାରି ଆସି ସେମାନଙ୍କୁ ମାରଧର କରିଥିଲେ। ହେଲେ ସ୍ଥାନୀୟ ଲୋକେ ଏକାଠି ହୋଇ ଏହାକୁ ବିରୋଧ କରିଥିଲେ। ଦୁଇସାଙ୍ଗ ଘଟଣାସ୍ଥଳରୁ ଚାଲି ଯାଇଥିଲେ। ଖବର ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

## ଆଶାୟୀଙ୍କ ତାଲିକା ହେଲା ସାର୍ବଜନୀନ

**ପାରାଦୀପ ୨୮।୪(ସ୍ୱ.ପ୍ର.)**

**ପାରାଦୀପ ବନ୍ଦର ଅନୁକମ୍ପାମୂଳକ ଚାକିରି**

ପାରାଦୀପ ବନ୍ଦର ଅନୁକମ୍ପାମୂଳକ ଚାକିରି ଆଶାୟୀଙ୍କ ମଧ୍ୟରେ ଏବେ ନୂତନ ଆଶା ସଂଚାର ହୋଇଛି। କାରଣ ୨୦୦୧ରୁ ଏବେ ସୁଦ୍ଧା ୨୪୪ ଜଣ ଆଶାୟୀ ଚାକିରି ପାଇଁ ଅପେକ୍ଷା କରିଛନ୍ତି। ସେମାନଙ୍କ ତାଲିକା ପ୍ରଥମ କରି ୨୦୨୧ ଏପ୍ରିଲ ୧୩ରୁ ବନ୍ଦର ୱେବ୍‌ସାଇଟରେ ଦର୍ଶାଯାଇଛି। ଏଥିରେ ସିନିୟରଠାରୁ ଜୁନିୟର ଆଶାୟୀଙ୍କ ନାମ କ୍ରମାନ୍ୱୟରେ ରହିଛି। ଭବିଷ୍ୟତରେ ଯେବେ ସ୍ଥାୟୀ ଚାକିରି ସୁଯୋଗ ସୃଷ୍ଟି ହେବ ସେତେବେଳେ ସ୍ୱତଃ ସିନିୟରଙ୍କ ନାମ ଆସିବ। ଏହି ଘୋଷଣା ଓ ତାଲିକା ଆସିବା ପରେ ପାରାଦୀପ ପୋର୍ଟ ୱାର୍କର୍ସ ୟୁନିୟନ ପକ୍ଷରୁ ବନ୍ଦର କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦିଆଯାଇଛି। ୟୁନିୟନର ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ କହିଛନ୍ତି, ପୂର୍ବରୁ କେତେଜଣ ଅନୁକମ୍ପାମୂଳକ ଆଶାୟୀ ଅଛନ୍ତି, ସେମାନଙ୍କ ମଧ୍ୟରୁ କିଏ ବରିଷ୍ଠ କିଏ କନିଷ୍ଠ ତାହା ଦ୍ୱନ୍ଦ୍ୱାତ୍ମକ ଥିଲା। ଯେତେବେଳେ ଚାକିରି ପାଇଁ ତାଲିକା ଖୋଜାପଡେ ସେତେବେଳେ ବିବାଦ ହେଉଥିଲା। ଏଥିପାଇଁ ୟୁନିୟନ ଦୀର୍ଘବର୍ଷ ହେଲା ଏ ସମ୍ପର୍କରେ ସ୍ୱଚ୍ଛତା ପାଇଁ ଏକାଧିକବାର ଚିଠି ଲେଖିଥିଲା। ଗତ ମାର୍ଚ୍ଚ ୧୨ରେ ବନ୍ଦର ଅଧ୍ୟକ୍ଷ ଭିନିତ କୁମାର, ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ୟୁନିୟନ କର୍ମକର୍ତ୍ତାଙ୍କୁ ନେଇ ବୈଠକ ବସିଥିଲା। ସେଥିରେ ବନ୍ଦର ଅଧ୍ୟକ୍ଷ ଏହି ତାଲିକା ସାର୍ବଜନୀନ ପାଇଁ ସମ୍ମତି ପ୍ରଦାନ କରିଥିଲେ। ଯାହା ଏପ୍ରିଲ ୧୩ରୁ କାର୍ଯ୍ୟକାରୀ ହୋଇଛି। ସୂଚନାଯୋଗ୍ୟ, ବନ୍ଦର କର୍ମଚାରୀଙ୍କ ଚାକିରି ସମୟରେ କୌଣସି ଦୁର୍ଘଟଣା ବଶତଃ ମୃତ୍ୟୁ ଘଟିଲେ ସେମାନଙ୍କ ପରିବାରର ଜଣଙ୍କୁ ଅନୁକମ୍ପାମୂଳକ ଚାକିରି କ୍ଷେତ୍ରରେ ଅଗ୍ରାଧିକାରଭିତ୍ତିରେ ମିଳିବାର ସମ୍ଭାବନା ଅଛି। ପ୍ରଥମେ ଡିଏଲ୍‌ଆର୍ ଓ ପରେ ସ୍ଥାୟୀ ଚାକିରି ପଦବୀ ବେଳେ ଏହି ତାଲିକାରେ ଥିବା ନାମ ବିଚାରକୁ ନିଆଯାଏ। ପୂର୍ବରୁ ଏମିତି ବ୍ୟବସ୍ଥାରେ ଶତାଧିକ ଲୋକ ଚାକିରି ପାଇଛନ୍ତି।

## ଜଗତ୍‌ସିଂହପୁରରେ ମଧୁ ଜୟନ୍ତୀ, ଆଇନଜୀବୀ ଦିବସ

**ଜଗତ୍‌ସିଂହପୁର ଅଫିସ, ୨୮।୪**

ଜଗତ୍‌ସିଂହପୁର ଜିଲା ଓକିଲ ସଂଘ ପକ୍ଷରୁ ବୁଧବାର ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସଂଘ ସଭାପତି ଗଗନ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସୁରେନ୍ଦ୍ର ନାଥ ମିଶ୍ର, ରବୀନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ମଧୁବାବୁଙ୍କ ଜୀବନାଦର୍ଶ ଓ ଆଇନଜୀବୀ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସଂଘ ସମ୍ପାଦକ ନରେଶ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଯୁଗ୍ମ ସମ୍ପାଦକ ଜ୍ଞାନ ରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ରାଉତ, ସଭ୍ୟ ଅନିରୁଦ୍ଧ ସାବତ, ଆଇନଜୀବୀ ରବୀନ୍ଦ୍ର ନାଥ ମହାନ୍ତି ଓ ଦେବେନ୍ଦ୍ର ନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧୁବାବୁଙ୍କ ଜୟନ୍ତୀରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ବିମଳ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଜଗତ୍‌ସିଂହପୁର ନଗର କଂଗ୍ରେସ କାର୍ଯ୍ୟାଳୟ ମଧୁ ଜୟନ୍ତୀ ପାଳିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ତଥା ଆଇନୀବୀ ରବୀନ୍ଦ୍ରନାଥ ମହାନ୍ତି, ଜଗତ୍‌ସିଂହପୁର ପୂର୍ବତନ ନଗରପାଳ ବିପ୍ଳବ ଚୌଧୁରୀ, ଶିକ୍ଷାବିତ୍ ନିକୁଞ୍ଜ କିଶୋର ବେହେରା, କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଡ. ଜଗଦାନନ୍ଦ ବେହେରା, କୃଷ୍ଣଚନ୍ଦ୍ର ପ୍ରଧାନ, ସୁବାସ ଚାନ୍ଦ ପ୍ରମୁଖ ଯୋଗ ଦେଇଥିଲେ।



ଜିଲା ଓକିଲ ସଂଘ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳିତ ହେଉଛି।

## ବନ୍ଧପଡ଼ା ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣରେ ବିଳମ୍ବ

**ପଟ୍ଟାମୁଣ୍ଡାଇ ୨୮।୪(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୌରପରିଷଦ ଅନ୍ତର୍ଗତ ୨୦ନଂ. ୱାର୍ଡ ବନ୍ଧପଡା ଗ୍ରାମରେ ମଞ୍ଜୁରୀପ୍ରାପ୍ତ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣରେ ଅହେତୁକ ବିଳମ୍ବ ନେଇ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଦୀର୍ଘ ୨ବର୍ଷରୁ ଉର୍ଦ୍ଧ୍ୱ ହେବ ଗ୍ରାମବାସୀ ଅଙ୍ଗନୱାଡି କେନ୍ଦ୍ର ଗୃହ ସ୍ଥାପନ ନିମନ୍ତେ ସ୍ଥାନ, ସମସ୍ତ କାଗଜପତ୍ର ପଟ୍ଟାମୁଣ୍ଡାଇ ସିଡିପିଓ ଓ ତହସିଲଦାରଙ୍କ ନିକଟରେ ଦାଖଲ କରିଥିଲେ। ତଦନୁଯାୟୀ ସରକାରୀ ଭାବେ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ନେଇ ସମସ୍ତ କାର୍ଯ୍ୟ ସରିଛି। ମାତ୍ର ପଟ୍ଟାମୁଣ୍ଡାଇ ବ୍ଲକ ପ୍ରଶାସନ କେନ୍ଦ୍ରର ଗୃହ ନିର୍ମାଣରେ ବିଳମ୍ବ କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ତୁରନ୍ତ କାର୍ଯ୍ୟାଦେଶ ପ୍ରଦାନ କରି ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ପ୍ରାକ୍ତନ ସଭାପତି ସୁନାମଣି ଦାସଙ୍କ ସମେତ ବନ୍ଧପଡା ଗ୍ରାମବାସୀ ଦାବି କରିଛନ୍ତି।

## କାର୍ଯ୍ୟକ୍ଷମ ହେଲା ଡେରିକି ବିଦ୍ୟୁତ୍ ଷ୍ଟ୍ରକଚର

**ନାଉଗାଁ,୨୮।୪(ସ୍ୱ.ପ୍ର.)**

**ଦୂର ହେବ ଲୋ ଭୋଲ୍‌ଟେଜ୍ ସମସ୍ୟା**

ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ପଡିଆଠାରେ ନିର୍ମିତ ୩୩ କେଭି ବିଦ୍ୟୁତ୍ ଷ୍ଟ୍ରକଚର ବୁଧବାର କାର୍ଯ୍ୟକ୍ଷମ କରାଯାଇଛି। ଷ୍ଟ୍ରକଚରକୁ ବିଦ୍ୟୁତ୍ ସଂଯୋଗ ସମୟରେ ଟିପିସିଓଡିଏଲ୍‌ର ଏଜିଏମ୍ ସମିତ ଦାସ, ମ୍ୟାନେଜର ବିଶ୍ୱନାଥ ସ୍ୱାଇଁ, ବାଲିକୁଦା ଏସ୍‌ଡିଓ ଦେବଦତ୍ତ ଉପାଧ୍ୟାୟ, ନାଉଗାଁ ଲିଡ୍ ମ୍ୟାନେଜର ଦୀପକ ଭୁଇ ଆଦି ଉପସ୍ଥିତ ଥିଲେ। ଏହି ବିଦ୍ୟୁତ୍ ଷ୍ଟ୍ରକ୍‌ଚରର ୪ଟି ଫିଡରରୁ ଶିଖର, ତିରୁଣା, ଡେରିକି, କୋରୁଅ, ଓଷକଣା, ପୁରୀ ଜିଲାର ମୁତୁଣିଆ, ଭଣ୍ଡିସାହିର ୬ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ବିଦ୍ୟୁତ୍ ସେବା ପାଇପାରିବେ। ପ୍ରଥମ ଦିନରେ ପରୀକ୍ଷାମୂଳକ ଭାବେ ୪ଟି ଫିଡର ମଧ୍ୟରୁ ଶାଳିଜଙ୍ଗା, ଡେରିକି, ମୁତୁଣିଆ ଫିଡରକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ନରଣପୁର ଫିଡରର ଜମି ବିବାଦ ଥିବାରୁ ମାପଚୁପ ପରେ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ଏସ୍‌ଡିଓ ଉପାଧ୍ୟାୟ ସୂଚନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୩ ଅକ୍ଟୋବରରେ ଷ୍ଟ୍ରକ୍‌ଚର କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଷ୍ଟ୍ରକ୍‌ଚର ନିର୍ମାଣ ପାଇଁ ୬ କୋଟି ଟଙ୍କା ଅନୁଦାନ ଦିଆଯାଇଥିଲା। ଷ୍ଟ୍ରକଚର କାର୍ଯ୍ୟକ୍ଷମ ହେବା ପରେ ଉକ୍ତ ଅଞ୍ଚଳଗୁଡିକରେ ଲୋ-ଭୋଲଟେଜ ସମସ୍ୟା ରହିବ ନାହିଁ ବୋଲି ଉପଭୋକ୍ତାମାନେ କହିଛନ୍ତି।



## କରୋନା ମୁକାବିଲା ପାଇଁ ପ୍ରସ୍ତୁତି ଜୋରଦାର

**ରାଜନଗର,୨୮।୪(ଡି.ଏନ.ଏ.)**

- କୁରୁଣ୍ଟି, ତାଳଚୁଆରେ କ୍ୱାରେଣ୍ଟାଇନ ସେଣ୍ଟର
- ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଅସ୍ଥାୟୀ କୋଭିଡ୍ ହସ୍ପିଟାଲ

କେନ୍ଦ୍ରାପଡ଼ା ଜିଲା ରାଜନଗରରେ କରୋନା ପଜିଟିଭ ସଂଖ୍ୟା ବଢି ଚାଲିଛି। ବୁଧବାର ୭ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହି ସଂଖ୍ୟାକୁ ମିଶାଇ ରାଜନଗରରେ କରୋନା ରୋଗୀଙ୍କ ସଂଖ୍ୟା ୯୨ରେ ପହଞ୍ଚିଛି।

କରୋନାକୁ ମୁକାବିଲା କରିବାକୁ ପ୍ରଶାସନ ଅଣ୍ଟା ଭିଡ଼ିଛି। କରୋନା ରୋଗୀଙ୍କୁ କିପରି ଉତ୍ତମ ଚିକିତ୍ସା ସୁବିଧା ମିଳିପାରିବ ଓ ପ୍ରବାସୀମାନେ ସରକାରୀ ସଙ୍ଗରୋଧ ଗୃହରେ ରହିବେ ସେ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି।

ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଦିଲ୍ଲୀ, ଛତିଶଗଡ଼ ଆଦି ରାଜ୍ୟରୁ ଆସୁଥିବା ପ୍ରବାସୀମାନେ ସଙ୍ଗରୋଧ କେନ୍ଦ୍ର (କ୍ୱାରେଣ୍ଟାଇନ ସେଣ୍ଟର)ରେ ରଖିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ କୁରୁଣ୍ଟି ପଞ୍ଚାୟତରେ ୧୫୦ଜଣ ପ୍ରବାସୀ ରହିବା ପାଇଁ କ୍ୱାରେଣ୍ଟାଇନ ସେଣ୍ଟର ପ୍ରସ୍ତୁତ କରାଯାଇଛି। ତାଳଚୁଆରେ ୨ଶହ ପ୍ରବାସୀ ରହିବା ପାଇଁ ଅନ୍ୟ ଏକ ସେଣ୍ଟର ପ୍ରସ୍ତୁତ ରଖାଯାଇଛି। ପ୍ରବାସୀମାନେ ସେଣ୍ଟରରେ ରହିଲେ ସେମାନଙ୍କୁ ଖାଦ୍ୟପେୟ ଓ ସୁରକ୍ଷା କିଟ୍ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି ବୋଲି ରାଜନଗର ବିଡିଓ ରବିନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଏଥିସହ ରାଜନଗରସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ୧୦୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ କୋଭିଡ୍ ହସ୍ପିଟାଲ ନିର୍ମାଣ କରାଯାଇଛି। ବିଡିଓ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜଳଧର ବେହେରା, କନିଷ୍ଠ ଯନ୍ତ୍ରୀ ଦେବ ରଞ୍ଜନ ବେହେରା ପ୍ରମୁଖ ବୁଧବାର ଏହି କ୍ୱାରେଣ୍ଟାଇନ ସେଣ୍ଟର ଓ ଅସ୍ଥାୟୀ ହସ୍ପିଟାଲର ସମସ୍ତ ପ୍ରସ୍ତୁତି ତଦାରଖ କରିଛନ୍ତି।

ଅନ୍ୟପକ୍ଷେ କରୋନ ସ୍ଥିତି ଉପରେ ସମୀକ୍ଷା ଚାଲିଛି। ପ୍ରତିଦିନ ସ୍ୱାସ୍ଥ୍ୟ ବିଭାଗ କର୍ମକର୍ତ୍ତା ଓ ବ୍ଲକ ପ୍ରଶାସନର ସମୀକ୍ଷା ବୈଠକ ଚାଲିଛି। ପ୍ରତିଗାଁରେ ଆଶାକର୍ମୀ, ଅଙ୍ଗନୱାଡିକର୍ମୀ ଓ ଗାଁର ମୁରବୀଙ୍କୁ ନେଇ କୋଭିଡ୍ ମ୍ୟାନେଜମେଣ୍ଟ ଟିମ୍ ଗଠନ କରାଯାଇଛି। ଗାଁକୁ ଫେରୁଥିବା ପ୍ରବାସୀ ଓ ଗାଁରେ କାହାର କୋଭିଡ୍ ଲକ୍ଷଣ ଦେଖାଗଲେ ତୁରନ୍ତ ଅବଗତ କରିବାକୁ କୁହାଯାଇଛି। ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ କରୋନା ମୁକାବିଲା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ବିଡିଓ ପ୍ରଧାନ ସୂଚନା ଦେଇଛନ୍ତି।



ଅସ୍ଥାୟୀ କୋଭିଡ୍ ହସ୍ପିଟାଲକୁ ଅଧିକାରୀମାନେ ବୁଲି ଦେଖୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୯ ଏପ୍ରିଲ, ୨୦୨୧



## ଆଜି କ'ଣ କେଉଁଠି

**ଖଣ୍ଡପଡ଼ା**

- ସମୂହ ବ୍ରତୋପନୟନ, ସ୍ଥାନ- ପଞ୍ଚମୁଖୀ ହନୁମାନ ମନ୍ଦିର, କଣ୍ଟିଲୋ। ସମୟ- ସକାଳ ୮ଟା।

## ସଂକ୍ଷେପରେ

### ୧୨୨ କରୋନା ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ,୨୮।୪:** ବୁଧବାର ନୟାଗଡ଼ ଜିଲାରେ ପୁଣି ୧୨୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୮୨ରେ ପହଞ୍ଚିଛି। ଏହି ରିପୋର୍ଟ ଅନୁଯାୟୀ ଭାପୁର ବ୍ଲକରେ ୧, ଦଶପଲ୍ଲା ବ୍ଲକରେ ୧୬, ଗଣିଆ ବ୍ଲକ ୨, ଖଣ୍ଡପଡ଼ା ବ୍ଲକ ୯, ନୟାଗଡ଼ ବ୍ଲକରେ ୧୫, ନୂଆଗାଁ ବ୍ଲକ ୨୩, ଓଡ଼ଗାଁ ବ୍ଲକ ୨୧, ରଣପୁର ବ୍ଲକ ୧୪, ନୟାଗଡ଼ ପୌରାଞ୍ଚଳରେ ୨୧ ଜଣ ଚିହ୍ନଟ ହୋଇଛନ୍ତି।

### କରୋନା ସମୟରେ ଖାଉଟି ସାମଗ୍ରୀ ଦର ବୃଦ୍ଧି

**ଖଣ୍ଡପଡ଼ା୨୮।୪(ସ୍ୱ.ପ୍ର.):** କରୋନା ସମୟରେ କାମଧନ୍ଦା ଅଭାବ ଯୋଗୁ ଗରିବ ଓ ମଧବିତ୍ତ ଶ୍ରେଣୀର ଲୋକେ ହାତବାନ୍ଧି ଘରେ ବସିଛନ୍ତି। ଏହି ସମୟରେ ଖାଉଟି ଓ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ସମସ୍ତଙ୍କୁ ଚିନ୍ତାରେ ପକାଇଛି। ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ସାଙ୍ଗକୁ ଖାଇବା ତେଲ ଦରବୃଦ୍ଧି ବାଧୁଛି। ବିଭିନ୍ନ ଡାଲି, ତେଲ, ଚାଉଳ, ଅଟା ସହିତ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟବୃଦ୍ଧି ଘଟିଛି। ଖଣ୍ଡପଡା ଅଞ୍ଚଳରେ ସବୁଜ ପନିପରିବା ଦର ବି ବୃଦ୍ଧି ହୋଇଛି। ଏ ସଂକ୍ରାନ୍ତରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ଗୋଡ଼ିପଡ଼ାରେ ମଦ ଦୋକାନକୁ ବିରୋଧ

**ନୟାଗଡ଼ ଅଫିସ,୨୮।୪:** ନୟାଗଡ଼ ଜିଲା ଅଧୀନ ଗୋଡ଼ିପଡାରେ ଖୋଲିଥିବା ବିଦେଶୀ ମଦ ଦୋକାନକୁ ବିରୋଧ କରାଯାଇଛି। ମଦ ଦୋକାନକୁ ବନ୍ଦ କରିବା ଦାବି ନେଇ ନୟାଗଡ଼ ଜିଲାପାଳ ଓ ମୁଖ୍ୟ ଶାସନ ସଚିବଙ୍କୁ ସ୍ଥାନୀୟ ଲୋକେ ଫେରାଦ ହୋଇଛନ୍ତି। ମଦ ଦୋକାନ ବନ୍ଦ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଧମକ ଦିଆଯାଇଛି। ଏନେଇ ଗୋଡ଼ିପଡା ମହନ୍ତସାହିର ସରୋଜିନୀ ମହାପାତ୍ର କୁହନ୍ତି, ମଦ ଦୋକାନକୁ ବନ୍ଦ କରିବାକୁ ମହିଳାମାନେ ଏକାଠି ହୋଇଛୁ। ଆମକୁ ପୁରୁଷ ଲୋକମାନେ ସହଯୋଗ କରୁଛନ୍ତି। ମଦ ଦୋକାନ ବନ୍ଦ ନ ହେଲେ ଆମେ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ।

### କରୋନାରେ ଶିକ୍ଷକ ମୃତ, ସ୍ତ୍ରୀ ଗୁରୁତର

**ଖଣ୍ଡପଡା,୨୮।୪(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ କୋସକା ଗ୍ରାମର ବରିଷ୍ଠ ଶିକ୍ଷକ ନିରଞ୍ଜନ ସାହୁ (୫୮)ଙ୍କ ବୁଧବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସେ କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିବା ପରେ ତାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ସ୍ତ୍ରୀ କବିତା ସାହୁ ମଧ କରୋନାରେ ଆକ୍ରାନ୍ତ ହୋଇ ଚାନ୍ଦପୁର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

# ନାଳ ଭିତରେ ପୋଖରୀ ଖୋଳା

**ପୁଣି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି**

- ବନ୍ୟା ଆସିଲେ ରହିବନି ଚିହ୍ନବର୍ଣ୍ଣ
- ୯.୮୨ ଲକ୍ଷ ଟଙ୍କା ପାଣିରେ ପଡ଼ିବ
- ବିଲ୍ ହୋଇ ସାରିଲାଣି ୫ ଲକ୍ଷ

**ନୟାଗଡ଼ ଅଫିସ,୨୮।୪**

ନୟାଗଡ଼ ଜିଲା ଭାପୁର ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଗୋଟିଏ ପରେ ଗୋଟିଏ ଦୁର୍ନୀତି ପଦାକୁ ଆସୁଛି। ବଡସରା ପଞ୍ଚାୟତ ଗୋପାଳପ୍ରସାଦ ଗାଁର ପ୍ରାୟ ୮୫୦ମିଟର ରାସ୍ତାକୁ ୨୧ ଥର ବିଲ୍ କରାଯିବା ଘଟଣାର ତଦନ୍ତ ସରି ନ ଥିବା ବେଳେ ଏବେ ଶାସନ ପଞ୍ଚାୟତ ହେମନ୍ତ ପାଟଣା ଛକ ନିକଟ ଗିରିନାଳରେ ପୋଖରୀ ଖୋଳାଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ୯ ଲକ୍ଷ ୮୨ ହଜାର ଟଙ୍କା ବ୍ୟୟ ବରାଦରେ ଖୋଳାଯାଇଥିବା ଏହି ପୋଖରୀ ପାଇଁ ୫ ଲକ୍ଷ ଟଙ୍କା ବିଲ୍ ହୋଇସାରିଛି। ଅବଶିଷ୍ଟ ବିଲ୍ କରାଯିବା ପାଇଁ ପ୍ରସ୍ତୁତି ଚାଲିଛି। ଗୋଟିଏ ବନ୍ୟା ଆସିଲେ ଏହି ପୋଖରୀର ଚିହ୍ନବର୍ଣ୍ଣ ରହିବ ନାହିଁ ବୋଲି ଅଭିଯୋଗରେ ଦର୍ଶାଯାଇଛି। ସ୍ଥାନୀୟ ଲୋକେ ଏହି ପୋଖରୀ ଖୋଳାକୁ ବିରୋଧ କରିବା ସହ ୫-ଟି ସଚିବ, ନୟାଗଡ଼ ଜିଲାପାଳ, ଭାପୁର ବିଡିଓଙ୍କୁ ଅବଗତ କରାଇଛନ୍ତି। ଏହାର ତଦନ୍ତ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

ଅଭିଯୋଗ ଅନୁସାରେ ଟିଙ୍କିରିପଡା କରବର ଆରଡ଼ି ରାସ୍ତାରେ ଗିରି ନାଳ ଉପରେ ଖଇରୀ ନାଳ ସେତୁ ନିର୍ମାଣ କରାଯାଇଛି। ସ୍ଥାନୀୟ ଗୋସିଂହ ପାହାଡର ବର୍ଷାଜଳ ଗିରି ନାଳ ଦେଇ ମହାନଦୀରେ ମିଶିଥାଏ। ମହାନଦୀରେ ବନ୍ୟା ଆସିଲେ ଏହି ନାଳ ଜଳାର୍ଣ୍ଣବ ହୋଇଥାଏ। ଏପରି ସ୍ଥିତିରେ ଖଇରୀ ନାଳ ପୋଲ ତଳେ ବନ୍ଧ କରାଯାଇ ପୋଖରୀ ଖୋଳା ଚାଲିଛି। ଏଥିପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ୯ ଲକ୍ଷ ୮୨ ହଜାର ଟଙ୍କା ମଞ୍ଜୁର କରାଯାଇଛି। କାମ ହେବାର କିଛିଦିନ ପରେ ନାମଫଳକରେ ପୋଖରୀ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପକୁ କିଏ ମଞ୍ଜୁର କଲା ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି।

ଏ ସଂକ୍ରାନ୍ତରେ କେତେଜଣ ସ୍ଥାନୀୟ ବାସିନ୍ଦା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଆମ ବ୍ଲକରେ ଶତ ପ୍ରତିଶତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଜେସିବି ପରି ଯନ୍ତ୍ର କରୁଛି। ହେଲେ ଜବ୍‌କାର୍ଡଧାରୀଙ୍କ ନାଁରେ ବିଲ୍ କରାଯାଉଛି। ଆମେ ଜାଣିଛୁ ନାଳ ଭିତରେ ପୋଖରୀ ଖୋଳିବା ଠିକ୍ ନୁହେଁ। ତେବେ ଏନେଇ କେହି ଚିହ୍ନା ପଡିବାକୁ ଚାହୁ ନାହାନ୍ତି। ତେଣୁ ଅଭିଯୋଗପତ୍ରରେ କେବଳ ପଞ୍ଚାୟତବାସୀ ବୋଲି ଉଲ୍ଲେଖ କରାଯାଇଛି। ଏପରି କି ଏଠାରେ ଅନ୍ଧାରୀ ଶାସନ ଚାଲିଛି। ଯିଏ ଏପରି ଦୁର୍ନୀତି ସଂକ୍ରାନ୍ତରେ ମୁହଁ ଖୋଲୁଛନ୍ତି ତାଙ୍କୁ ମାଡ଼ ମରାଯିବା ସହିତ ବିଭିନ୍ନ ହଇରାଣ କରାଯାଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ଏନେଇ ପିଡି ଡିଆର୍‌ଡିଏ ସୁବାସ ଚନ୍ଦ୍ର ରାୟ କୁହନ୍ତି, ମୋ ପାଖରେ ଏ ସଂକ୍ରାନ୍ତରେ କୌଣସି ଅଭିଯୋଗ ହୋଇନାହିଁ। ତଥାପି ଏପରି କାମ ସଂକ୍ରାନ୍ତରେ ଅନୁଧ୍ୟାନ କରିବି। ଯଦି ଉପରସ୍ତରରେ ଏ ନେଇ ଅଭିଯୋଗ ହୋଇଥାଏ ମୋ ପାଖକୁ ତଦନ୍ତ ପାଇଁ ଚିଠି ଆସିବ। ଆମେ ଏହାକୁ ଗୁରୁତ୍ୱ ଦେଇ ତଦନ୍ତ କରିବୁ।




ଖଇରୀ ନାଳ ପୋଲ ତଳେ ପୋଖରୀ ଖୋଳା ଚାଲିଛି।

# ୫ ବର୍ଷ ହେଲା ନିଆଁ ପାଣି ବାସନ୍ଦ

**ନିର୍ଯାତନା ପ୍ରତିବାଦରେ ଜିଲାପାଳଙ୍କୁ ଫେରାଦ**

**ନୟାଗଡ଼ ଅଫିସ,୨୮।୪**

ନୟାଗଡ଼ ଜିଲା ଓଡ଼ଗାଁ ଥାନା ସାକେରୀ କଣମରେଇ ସାହିର ପଦ୍ମ ଚରଣ ପ୍ରଧାନଙ୍କ ପରିବାର ୫ ବର୍ଷ ହେଲା ନିଆଁ ପାଣି ବାସନ୍ଦ ହୋଇ ଅଭିଶପ୍ତ ଜୀବନ ବିତାଉଛନ୍ତି। ଜିଲା ପ୍ରଶାସନଠାରୁ ନ୍ୟାୟ ପାଇବା ପାଇଁ ସେ ବୁଧବାର ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ପଦ୍ମଙ୍କ ଅଭିଯୋଗ ଅନୁସାରେ ଗାଁରେ ରାସ୍ତା କାମ ହେଲା। ଗାଁର ଏକାଧିକ ଲୋକ ସରକାରୀ ଜମି ଜବରଦଖଲ କରିଥିଲେ। ହେଲେ କେହି ଛାଡିଲେ ନାହିଁ। ହେଲେ ତାଙ୍କୁ ଘରର ପାହାଚ ଭାଙ୍ଗିବାକୁ କୁହାଗଲା। ସେ ଅରାଜି ହେବାରୁ ଗାଁ ଲୋକେ ୫ ବର୍ଷ ତଳେ ତାଙ୍କ ପରିବାରକୁ ବାସନ୍ଦ କରିଥିଲେ। ମୋ ଠାରୁ ୧୫୦୦ ଟଙ୍କା ଓ ମୋବାଇଲ ନେଇ ମୋତେ ଥାନାରେ ପିଟିଲେ। ଗାଁ ଜଙ୍ଗଲରୁ ଶାଗୁଆନ ଗଛ କାଟିଲେ। ପ୍ରତିବାଦ କରିବାରୁ ଘରେ ପଶି ଆକ୍ରମଣ କଲେ। ମୁଁ ଗଛ କାଟିଛି ବୋଲି ଅଭିଯୋଗ କଲେ। ବିଭିନ୍ନ ସମୟରେ ଏପରି ନିର୍ଯାତନା ସେ ଭୋଗି ଚାଲିଛନ୍ତି। ତୁରନ୍ତ ଏ ସଂକ୍ରାନ୍ତରେ ଜିଲାପାଳ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

# ଜିଲାପାଳଙ୍କ ଅଫିସ ଆଗରେ ଅନଶନ ଚେତାବନୀ

**ନୟାଗଡ଼ ଅଫିସ,୨୮।୪**

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଜଣେ ବିଧବା ମହିଳା ଭତ୍ତା ପାଇଁ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି। ଭତ୍ତା ଦେବାରେ ପ୍ରଶାସନ ଅସମର୍ଥ ହେବାରୁ ଯୋଜନାର ସଫଳତା ଉପରେ ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ, ବେଣାଗାଡ଼ିଆ ଗାଁର ପିତେଇ ଜେନା ବିଧବା ଭତ୍ତା ପାଇଁ ବାରମ୍ବାର ଦାବି କରିଆସିଛନ୍ତି। ଏ ସଂକ୍ରାନ୍ତରେ ସେ ଆବଶ୍ୟକ କାଗଜପତ୍ର ବି ଦାଖଲ କରିଛନ୍ତି। ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ସେ ସାକ୍ଷାତ କରି ଭତ୍ତା ପାଇଁ ଗୁହାରି କରୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ସେ ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏପରି କି ସେ ଜିଲାପାଳଙ୍କୁ ୩ଥର ଭେଟି ଅଭିଯୋଗ ସାରିଛନ୍ତି। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଆସନ୍ତା ୭ ଦିନ ମଧ୍ୟରେ ସେ ଭତ୍ତା ନ ପାଇଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ସ୍ଥାୟୀ ସବ୍‌ରେଜିଷ୍ଟ୍ରାରଙ୍କ ନିଯୁକ୍ତି ହେଲାନାହିଁ

**୨ମାସ ହେଲା ଆନ୍ଦୋଳନ ଚାଲିଛି**

**ନୟାଗଡ଼ ଅଫିସ,୨୮।୪**

ନୟାଗଡ଼ ଜିଲାରେ ସ୍ଥାୟୀ ସବ୍‌ରେଜିଷ୍ଟ୍ରାର ନିଯୁକ୍ତି ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନୟାଗଡ଼ ଜିଲା ଦଲିଲ ଲେଖକ ସଂଘ ପକ୍ଷରୁ ୨ମାସ ହେଲା ଆନ୍ଦୋଳନ ଚାଲିଛି। ଦାବି ପୂରଣ ନ ହେବାରୁ ମାର୍ଚ୍ଚ ୧ ତାରିଖରୁ କଲମ ଛାଡ ଆନ୍ଦୋଳନ କରାଯାଇଛି। ହେଲେ ଦଲିଲ ଲେଖକ ସଂଘର ଦାବିକୁ ପ୍ରଶାସନ ଓ ସରକାର ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏନେଇ କଂଗ୍ରେସ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା କଂଗ୍ରେସ ସଭାପତି ଏକ ପ୍ରେସ ବାର୍ତ୍ତାରେ କହିଛନ୍ତି ୨ମାସ ହେଲା ଆନ୍ଦୋଳନ ଚାଲିବା ସତ୍ତ୍ୱେ ଜଣେ ସବ୍‌ରେଜିଷ୍ଟ୍ରାର ନିଯୁକ୍ତି ପାଇ ପାରୁନାହାନ୍ତି। ବିଭିନ୍ନ ସମୟରେ କେତେଜଣ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ଜମି କିଣାବିକାରେ ଅସୁବିଧା ସୃଷ୍ଟି ହୋଇଛି। ଏବେ ତାହା ଆନ୍ଦୋଳନ ରୂପ ନେଇଛି। ସରକାର କି ପ୍ରଶାସନ ଦଲିଲ ଲେଖକ ସଂଘର ଦାବି ଶୁଣୁ ନ ଥିବାରୁ ୨୦୦ ଦଲିଲ ଲେଖକ, ଷ୍ଟାମ୍ପ ଭେଣ୍ଡର, ଡିଟିପି, ଫଟୋ ଓ କ୍ୟାଣ୍ଟିନ କର୍ମଚାରୀ ଆର୍ଥିକ ଅନଟନ ମଧ୍ୟରେ ଦିନ କାଟୁଛନ୍ତି। କରୋନା ପରି ସମୟରେ ସେମାନଙ୍କ ଦାବିକୁ ଅଣଦେଖା କରାଯାଉଛି। ଏଣୁ ସରକାର ତୁରନ୍ତ ସ୍ଥାୟୀ ସବ୍‌ରେଜିଷ୍ଟ୍ରାର ନିଯୁକ୍ତି କରିବାକୁ ଦାବି ହୋଇଛି।

# ବିଦ୍ୟୁତ୍ କାଟ୍ ଯୋଗୁ ଉପଭୋକ୍ତା ଅତିଷ୍ଠ

**ଖଣ୍ଡପଡ଼ା,୨୮।୪(ସ୍ୱ.ପ୍ର.)**

ଗତ କିଛିମାସ ହେବ ଖଣ୍ଡପଡ଼ା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍ ସାଙ୍ଗକୁ ଲୋଭୋଲ୍‌ଟେଜ ସମସ୍ୟା ଲାଗିରହିଛି। ଏଥିପାଇଁ ଉପଭୋକ୍ତା ଅତିଷ୍ଠ ହୋଇପଡିଛନ୍ତି। କରୋନା କଟକଣା ଯୋଗୁ ଲୋକେ ଘରୁ ବାହାରୁ ନାହାନ୍ତି। ସ୍କୁଲ, କଲେଜ ବନ୍ଦ ଥିବାରୁ ପିଲାମାନେ ଘରେ ରହୁଛନ୍ତି। ଗ୍ରୀଷ୍ମ ପ୍ରବାହ ବଢ଼ି ଚାଲିଛି। ଏପରି ସ୍ଥିତିରେ ବାରମ୍ବାର ବିଦ୍ୟୁତ୍ କାଟ୍ ସ୍ଥାନୀୟ ଲୋକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନ ପାଠପଢାରେ ସମସ୍ୟା ସୃଷ୍ଟି ହୋଇଛି। ସେହିପରି ଲୋଭୋଲ୍‌ଟେଜ ସମସ୍ୟା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଉପଭୋକ୍ତାମାନେ ଚେତାବନୀ ଦେଇଛନ୍ତି।

# ନୟାଗଡ଼ରେ ମଧୁବାବୁଙ୍କ ଜୟନ୍ତୀ

**ନୟାଗଡ଼ ଅଫିସ,୨୮।୪**

ଜିଲା ସଦର ମହକୁମାରେ ଜିଲାସ୍ତରୀୟ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ କୁମାର ନାୟକ, ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ, ରାଜ୍ୟସ୍ତରୀୟ ଉତ୍କଳ ସମ୍ମିଳନୀର ସଭାପତି ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ବସନ୍ତ କୁମାର ତ୍ରିପାଠୀ, ଜିଲା ଉତ୍କଳ ସମ୍ମିଳନୀର ସଭାନେତ୍ରୀ ବସିରନ ବିବି, ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ଓ ଅନ୍ୟାନ୍ୟ ବରିଷ୍ଠ ନାଗରିକ, ଜିଲା ଓକିଲ ସଂଘର ସମ୍ପାଦକ ଆଇନଜୀବୀ କାଳୁ ଚରଣ ସ୍ୱାଇଁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଜିଲା ସଦର ମହକୁମାଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପ୍ରଖ୍ୟାତ ସାହିତ୍ୟିକ ତଥା କଥାକାର ପଦ୍ମଭୂଷଣ ମନୋଜ ଦାସଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।

# ଆହାର କେନ୍ଦ୍ର ପାଇଁ ଅନୁଦାନ ମଞ୍ଜୁରୀ

**ଖଣ୍ଡପଡ଼ା୨୮।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରାଞ୍ଚଳରେ ନୂତନ ଆହାର କେନ୍ଦ୍ରର ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାର ୧୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁରୀ କରିଛନ୍ତି। ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଉକ୍ତ ଆହାର କେନ୍ଦ୍ର ନିର୍ମାଣ କରାଯିବ। ବହୁବର୍ଷରୁ ପରିତ୍ୟକ୍ତ ଅବସ୍ଥାରେ ପଡି ଥିବା ଏକ ସରକାରୀ ବାସଗୃହକୁ ଭଙ୍ଗା ଯାଇ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ଆହାର କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ୬ମାସ ମଧ୍ୟରେ ନିର୍ମାଣ କାମ ଶେଷ ହେବ ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ କହିଛନ୍ତି।

# ବ୍ୟାଙ୍କ ମିତ୍ରଙ୍କ ଟଙ୍କା ଜମା ମେଶିନ୍ ଲୁଟ୍

**ନୟାଗଡ଼ ଅଫିସ,୨୮।୪**

ବ୍ୟାଙ୍କ ମିତ୍ରଙ୍କ ଟଙ୍କା ଜମା ମେଶିନ ଡିକି ଭାଙ୍ଗି ଲୁଟ୍ ହୋଇଛି। ଏନେଇ ଫତେଗଡ ଥାନା ଭାପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଭାପୁରର ଲଛବନ ବେହେରା ଭାପୁରର ଆଇଓବି ବ୍ୟାଙ୍କରେ ବ୍ୟାଙ୍କ ମିତ୍ର ଭାବେ କାମ କରନ୍ତି। ଅପରାହ୍ନ ୨ଟାରେ ଲଛବନ ଉକ୍ତ ମେଶିନ ବାଇକ୍ ଡିକିରେ ରଖି ଏକ ଦୋକାନକୁ ଯାଇଥିଲେ। ଫେରିବା ବେଳେକୁ ଦେଖନ୍ତି ତାଙ୍କ ମେଶିନକୁ କେହି ଡିକି ଭାଙ୍ଗି ନେଇଯାଇଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି।

# ନୟାଗଡ଼ରେ ଟିକାକରଣ ବନ୍ଦ

**ନୟାଗଡ଼ ଅଫିସ,୨୮।୪:** କୋଭିଡ୍ ୧୯ ମୁକାବିଲା ପାଇଁ ଟିକାକରଣ ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ହେଲେ ଟିକାର ଅଭାବ ଯୋଗୁ ବୁଧବାର ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଟିକା କରଣ ବନ୍ଦ ରହିଥିଲା। ଏନେଇ ସିଡିଏମ୍‌ଓ ଶକ୍ତି ପ୍ରସାଦ ମିଶ୍ର କୁହନ୍ତି, ଟିକାର ଅଭାବ ଯୋଗୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଟିକା ଉପଲବ୍ଧ ହେଲେ ପୁଣି ଥରେ ଟିକା କରଣ ଆରମ୍ଭ କରାଯିବ।

# ସରି ଆସୁଛି ଚଇତି ଘୋଡ଼ା ନାଚ ପରମ୍ପରା

**ଖଣ୍ଡପଡ଼ା ୨୮।୪(ସ୍ୱ.ପ୍ର.)**

ବୃତ୍ତି ସହ ପର୍ବର ସମ୍ପର୍କ ରହିଛି। ଏହି ପରିପ୍ରେକ୍ଷୀରେ କୈବର୍ତ୍ତ ସମ୍ପ୍ରଦାୟର ଚଇତି ଘୋଡ଼ାନାଚ ଅନ୍ୟତମ। କୈବର୍ତ୍ତ ସମ୍ପ୍ରଦାୟର ଆରାଧ୍ୟ ହେଉଛନ୍ତି ମା'ବାସୁଳି। ଘୋଡ଼ାନାଚ ବାସୁଳିଙ୍କ ପୂଜାର ଅଂଶବିଶେଷ। ଆମ କଳା ସଂସ୍କୃତିକୁ ପରିପୁଷ୍ଟ କରିବା ଦିଗରେ ଘୋଡ଼ାନାଚର ବହୁ ଅବଦାନ ରହିଛି। ଚଇତ୍ର ଆସିଲେ ଏହି ଲୋକନାଟ୍ୟରେ ମୁଖରିତ ହୋଇଉଠେ ଓଡ଼ିଶାର ପୁରପଲ୍ଲୀ। କଣ୍ଟିଲୋର କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ମହା ଆଡମ୍ବରରେ ଏହି ପର୍ବକୁ ପାଳନ କରିଥାନ୍ତି। ବାସୁଳି ଅର୍ଥାତ୍ ଘୋଡ଼ାକୁ ଲୋକେ ପୂଜା କରିବା ପରେ ପାରମ୍ପରିକ ଘୋଡ଼ାନାଚ ମାଧ୍ୟମରେ ଏହି ପର୍ବର ମାହାତ୍ମ୍ୟ ପ୍ରଚାର କରିଥାନ୍ତି। ତଥାପି ପ୍ରାଚୀନ କଳା ସଂସ୍କୃତିର ଏହି ଘୋଡ଼ାନାଚ ସମୟର ପରିବର୍ତ୍ତନ ଧାରାରେ ଏବେ ଅବକ୍ଷୟମୁଖୀ।

ମଙ୍ଗଳବାର ଚୈତ୍ର ପୂର୍ଣ୍ଣମୀ ତିଥିରେ କଣ୍ଟିଲୋ ଫକୀରଅତବୁଦ୍ଧିପାଟଣା ଗ୍ରାମର କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ଗାଁରେ ଥିବା ବରୁଣଦେବ ମନ୍ଦିରକୁ ଯାଇ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରିଥିଲେ। ସେହିପରି ସିଧାମୂଳା ତଳ କେଉଟସାହି ଓ କଣ୍ଟିଲୋ କଂସାରୀସାହି ପାଟଣା ଗ୍ରାମର କୈବର୍ତ୍ତମାନେ ଦାଣ୍ଡ ଦୁଆରେ ଏକ ଘୋଡ଼ା ମୁଣ୍ଡକୁ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ। ମା'ବାସୁଳିଙ୍କ ପୂଜା ସହ ପାଳିତ ହୋଇଥାଏ ଚଇତି ପର୍ବ। କାର୍ତ୍ତିକ ପୂର୍ଣ୍ଣମୀରେ ସୋଲରେ ନିର୍ମିତ ଛୋଟ ଡଙ୍ଗାଟି ଯେମିତି ମନେ ପକାଇ ଦିଏ ସାଧବ ପୁଅ ତଥା ଗୋଟିଏ ଜାତିର ଗୌରବମୟ ଅତୀତ। ଠିକ୍ ସେହିପରି ଘୋଡ଼ାନାଚ କହିଥାଏ କୈବର୍ତ୍ତ ସମ୍ପ୍ରଦାୟର କଥା। ଗୋଟିଏ ମାତ୍ର ଗୀତରୁ ଏ ଜାତିର ପୌରାଣିକ ଓ ଐତିହାସିକ ପ୍ରସିଦ୍ଧି ସମ୍ପର୍କରେ ଜାଣିହୁଏ। 'ବଟ ବୃକ୍ଷ ମୂଳେ ଜନମ ହୋଇଲି ସିଂହଳ ଦ୍ୱୀପରେ ଘର,ସିଦ୍ଧ ବାସୁଳିକୁ କାନ୍ଧରେ ବୋହିଛି, ସିପାହିରେ କୈବର୍ତ୍ତ ନାମଟି ମୋର'।

କୈବର୍ତ୍ତମାନେ ଏକାଠି ହୋଇ ବାସୁଳିଙ୍କ ପ୍ରତୀକ ଅଶ୍ୱ ମୁଖାକୁ ସଜାଇ ଏକ ବେଦି ଉପରେ ରଖି ପୂଜା କରନ୍ତି। ମା'ବାସୁଳିଙ୍କୁ ଫଳମୂଳ ସହିତ ଅଣ୍ଡା, ମାଛ ଓ କୁକୁଡା ବଳି ଦେଇଥାନ୍ତି। ଅପରାହ୍ନରେ ଢୋଲବାଦ୍ୟ ତାଳେ ତାଳେ ବାସୁଳୀ ଠାକୁରାଣୀଙ୍କୁ ଫୁଲମାଳରେ ସଜ୍ଜିତ କରି ଗ୍ରାମରେ ପୂଜା ଓ ବନ୍ଦାଣ ପାଇଁ ବିଜେ କରାଯାଏ। ଏହି ପର୍ବ ଚୈତ୍ର ପୂର୍ଣ୍ଣମୀରୁ ୮ ଦିନ ଚାଲେ। ହେଲେ ଏଠାରେ ୩ ଦିନ ପାଳନ କରାଯାଏ। ଘୋଡାନାଚ ସମ୍ପର୍କରେ କଂସାରୀ ସାହି ପାଟଣା ଗ୍ରାମର କଳାକାର ଭୀମସେନ ମହାପାତ୍ର, ସନ୍ତୋଷ କୁମାର ବେହେରା, ଫକୀର ଅତବୁଦ୍ଧି ପାଟଣା ଗ୍ରାମ ସଭାପତି ଶତ୍ରୁଘ୍ନ ବେହେରା, ପୂର୍ବତନ ସଭାପତି ଦୟାନିଧି ବେହେରା, ସଭ୍ୟ ହରିହର ନାୟକ ଓ ସୁରେଶ ଚନ୍ଦ୍ର ଦଳେଇ କୁହନ୍ତି, ଏବେ ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ଟିଭି ଚ୍ୟାନେଲ, ସିନେମା, ଯାତ୍ରା ଦଳ ରହିଛି। ସେଥିପାଇଁ ଘୋଡାନାଚ ତା'ର ପ୍ରଭୂତ ବିସ୍ତାର କରିପାରୁନାହିଁ। ଏଥିପାଇଁ ସରକାରୀ ପ୍ରୋତ୍ସାହନ ମିଳୁନଥିବାରୁ ପ୍ରଚାର ପ୍ରସାର ହୋଇ ପାରୁନାହିଁ। ଦିନକୁ ଦିନ ଏହି ପ୍ରାଚୀନ ନୃତ୍ୟକଳା ସରି ସରି ଆସୁଛି।



ଚଇତି ଘୋଡ଼ା।


## ଭାରତୀୟ ରିଜର୍ଭ ବ୍ୟାଙ୍କ

ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା

**କାର୍ଯ୍ୟାଳୟରେ ଯୋଗାଣକାରୀ/ମୁଦ୍ରକମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ଟେଣ୍ଡର ବିଜ୍ଞପ୍ତି**

**(ପ୍ୟାନେଲ ବର୍ଷ ଜୁଲାଇ ୨୦୨୧- ମାର୍ଚ୍ଚ ୨୦୨୪)**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର ସ୍ୱୀକୃତି ପ୍ରାପ୍ତ ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଇଚ୍ଛୁକ ଲିଖନ ସାମଗ୍ରୀ, କମ୍ପ୍ୟୁଟର ସାମଗ୍ରୀ ଏବଂ ସଫେଇ ସାମଗ୍ରୀଗୁଡ଼ିକର ଯୋଗାଣକାରୀ/ମୁଦ୍ରକମାନଙ୍କ ଠାରୁ ବନ୍ଦ ଲଫାପାରେ ଦରଖାସ୍ତ ଆହ୍ୱାନ କରୁଅଛି। ଏହି ସମ୍ପର୍କରେ ବିସ୍ତୃତ ବିବରଣୀ ଏବଂ ଆବେଦନ ପତ୍ର ପାଇଁ ଦୟାକରି ବ୍ୟାଙ୍କର ୱେବସାଇଟ୍ (www.rbi.org.in)ରେ ଥିବା "Tender" ବିଭାଗ ଦେଖନ୍ତୁ (https://www.rbi.org.in/Scripts/BS_ViewTenders.aspx)

ନିର୍ଦ୍ଦିଷ୍ଟ ଆବେଦନ ପତ୍ର ଏବଂ ବିସ୍ତୃତ ବିବରଣୀ, ଭାରତୀୟ ରିଜର୍ଭ ବ୍ୟାଙ୍କ, ସି.ଆର୍.ଡ଼ି.ଏସ୍., ଏଚ୍.ଆର୍.ଏମ୍.ଡି., ଦ୍ୱିତୀୟ ମହଲା, ଭୁବନେଶ୍ୱର-୭୫୧୦୦୧ରୁ ମଧ ସଂଗ୍ରହ କରାଯାଇ ପାରିବ। ସମ୍ପୂର୍ଣ୍ଣ ଭାବରେ ପୂରଣ ହୋଇଥିବା ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୨୦ ମଇ, ୨୦୨୧।

ଅଧିକାରପ୍ରାପ୍ତ ହସ୍ତାକ୍ଷରକର୍ତ୍ତା



## ସର୍ବସାଧାରଣ ଅଧିସୂଚନା

ଦକ୍ଷିଣ ପୂର୍ବ ରେଳପଥର ନିମ୍ନବର୍ଣ୍ଣିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳଧାରଣା ଓ ପରିସରର ବ୍ୟବହାରକାରୀମାନଙ୍କୁ ଏତଦ୍ୱାରା ନୋଟିସ ଦିଆଯାଉଛି ଯେ, **ତା୨୦।୦୫।୨୦୨୧ରିଖ** କିମ୍ବା ତାହା ପରେ ୨୫୦୦୦ ଭୋଲ୍ଟ, ୫୦ ହର୍ଜ, ଏସି ଓଭରହେଡ୍ ଟ୍ରାକ୍ସନ ତାରଗୁଡ଼ିକରେ ବିଦ୍ୟୁତ୍ ସରବରାହ ଆରମ୍ଭ କରାଯିବ। **ତା୨୦।୦୫।୨୦୨୧ରିଖ** ଓ ତାହା ପରଠାରୁ ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟରେ **ଜୀବନ୍ତ ଭାବେ** ବିବେଚନା କରାଯିବା ଏବଂ କୌଣସି ଅଣପ୍ରାଧିକୃତ ବ୍ୟକ୍ତି କଥିତ ଓଭରହେଡ୍ ଲାଇନ୍ ନିକଟକୁ ଯାଇପାରିବେ ନାହିଁ କିମ୍ବା ଏହା ନିକଟରେ କୌଣସି କାର୍ଯ୍ୟ କରିପାରିବେ ନାହିଁ।

| କ୍ର. ସଂ. | ସେକ୍ସନ | ବିଦ୍ୟୁତ୍ ସରବରାହ ଆରମ୍ଭ ତାରିଖ |
|---|---|---|
| ୧. | ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନରେ ରାଉରକେଲା-ଝାରସୁଗୁଡ଼ା ମଧରେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ଫିଡର୍ ଲାଇନ୍ ସମେତ ଅତିରିକ୍ତ ଉପକରଣ ଏବଂ ତତ୍‌ସମ୍ପର୍କିତ ଆସେସୋରି ସହିତ ରାଜଗାଙ୍ଗପୁରଠାରେ ବିଦ୍ୟମାନ ୧୩୨/୨୫ କେଭି ଟ୍ରାକ୍ସନ୍ ସବ୍-ଷ୍ଟେଶନର ଗୋଟିଏ ବେ'ରେ ବିଦ୍ୟୁତ୍ ସରବରାହ ଆରମ୍ଭ | ୨୦।୦୫।୨୦୨୧ |
| ୨. | ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନରେ ରାଉରକେଲା-ଝାରସୁଗୁଡ଼ା ମଧରେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ଫିଡର୍ ଲାଇନ୍ ପିପିଓ-କେଏଲ୍‌ଜି ସେକ୍ସନ ସମେତ ଅବସ୍ଥିତି ନଂ.୪୨୪/୨୩ରୁ ୪୨୪/୨୭ (କିମି ଚେନେଜ୍ ୪୨୪/୭୩୨.୧୦ରୁ କିମି ଚେନେଜ୍ ୪୨୪/୮୨୪.୬୦) ମଧରେ କାଲୁଙ୍ଗାଠାରେ ନୂଆ ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (ଏସ୍‌ପି)ର ବିଦ୍ୟୁତ୍ ସରବରାହ ଆରମ୍ଭ | |
| ୩. | ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନରେ ରାଉରକେଲା-ଝାରସୁଗୁଡ଼ା ମଧରେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ଫିଡର୍ ଲାଇନ୍ ଏସ୍‌ଏକ୍ସଏନ୍-ଏସ୍‌ଓଜିଆର୍ ସେକ୍ସନ ସମେତ ଅବସ୍ଥିତି ନଂ.୪୪୯/୪ରୁ ୪୪୯/୬ ମଧରେ ସୋନାଖାନଠାରେ ନୂଆ ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (ଏସ୍‌ପି)ର ବିଦ୍ୟୁତ୍ ସରବରାହ ଆରମ୍ଭ | |
| ୪. | ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନରେ ରାଉରକେଲା-ଝାରସୁଗୁଡ଼ା ମଧରେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ଫିଡର୍ ଲାଇନ୍ ଜିଜିଏମ୍-ଜିପିଏଚ୍ ସେକ୍ସନ ସମେତ ଅବସ୍ଥିତି ନଂ.୪୬୮/୫ରୁ ୪୬୮/୭ ମଧରେ ଟାଙ୍ଗରମୁଣ୍ଡାଠାରେ ନୂଆ ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (ଏସ୍‌ପି)ର ବିଦ୍ୟୁତ୍ ସରବରାହ ଆରମ୍ଭ | |

(PR-45) ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ସିଏନ୍), ରାଉରକେଲା

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ



## ପୂର୍ବ ତଟ ରେଳପଥ

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-05-21

କାର୍ଯ୍ୟର ବିବରଣୀ : ତିନି ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ପୁରୀ କୋଚିଙ୍ଗ୍ ଡିପୋ ଠାରେ LHB ଟାଇପ୍ AC କୋଚ୍ ଏବଂ ହାଇବ୍ରିଡ୍ (Hybrid) ଟାଇପ୍ LHB AC କୋଚ୍‌ଗୁଡ଼ିକରେ ଗୁଡ଼ିକରେ ଲଗାଯାଇଥିବା RMPUs ନିମନ୍ତେ ବ୍ୟାପକ ରକ୍ଷଣାବେକ୍ଷଣ ଚୁକ୍ତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 4,81,46,191.90

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-02-21

କାର୍ଯ୍ୟର ବିବରଣୀ : ତିନି ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭୁବନେଶ୍ୱର କୋଚିଙ୍ଗ୍ ଡିପୋ ଠାରେ LHB ଟାଇପ୍ AC କୋଚ୍ ଏବଂ ହାଇବ୍ରିଡ୍ (Hybrid) ଟାଇପ୍ LHB AC କୋଚ୍‌ଗୁଡ଼ିକରେ ଗୁଡ଼ିକରେ ଲଗାଯାଇଥିବା RMPUs ନିମନ୍ତେ ବ୍ୟାପକ ରକ୍ଷଣାବେକ୍ଷଣ ଚୁକ୍ତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 4,69,52,791.03

ଶେଷ ହେବା ଅବଧି : 36 ମାସ। (ଉଭୟ ଟେଣ୍ଡର ନିମନ୍ତେ)

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.19.05.2021 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନ୍ୟୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନ୍ୟୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜେନେରାଲ), ଖୋର୍ଦ୍ଧା ରୋଡ଼

PR-58/M/21-22



**OFFICE OF THE EXECUTIVE ENGINEER, R.W.S.&S. DIVISION, NUAPADA**

**E-mail: eerwssnpd@rediffmail.com**

**1st Corrigendum to Bid Identification No. RWS&S_02/2021-22**

No.O-109:- Remaining unaltered of all terms and conditions, the following changes are hereby made to Bid Identification No. RWS&S_02/2021-22 of the Executive Engineer, RWS&S Division, Nuapada by virtue of this corrigendum as mentioned below:

| As per Original NIT | As per Corrigendum |
|---|---|
| Date and Time of availability of bid document in the portal: 26.04.2021 at 10.00 A.M. | Date and Time of availability of bid document in the portal: 04.05.2021 at 10.00 A.M. |
| Last date /Time for receipt of bids in the portal : 05.05.2021 up to 5.00 P.M. | Last date /Time for receipt of bids in the portal : 11.05.2021 up to 5.00 P.M. |
| Date of Opening of bid: 07.05.2021 at 11.00 A.M. | Date of Opening of bid : 13.05.2021 at 11.00 A.M. |

Sd/- 27.04.21 (Er. G. C. Nayak)
Executive Engineer, RWSS Division, Nuapada

OIPR-25043/11/0005/2122



## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org

No. CAD-195

ପ୍ରତ୍ର ସଂଖ୍ୟା : ୨୨୦ **ବିଜ୍ଞାପନ** ତା. : ୧୬।୪।୨୧

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଡୁମୁଡୁମା, ଦ୍ୱିତୀୟ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ-ଏଲ୍-୧୬୭୦ (L-1670) ଟି କୁ ଶ୍ରୀ ଅନୀଲ୍ କୁମାର ଦାଶ, ପି-ବ ଦୁଃଖିଶ୍ୟାମ ଦାଶ, ସା/ପୋ- ଘାଟିକିଆ, ଥା- ଖଣ୍ଡଗିରି, ଜି-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଅନୀଲ୍ କୁମାର ଦାଶ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ମୋନାଲିସା ପଣ୍ଡା, ସ୍ୱା-ଶ୍ରୀ ଅରବିନ୍ଦ ପଣ୍ଡା, ସା/ପୋ- ମଧ ଶାସନ, ଥା- ବିରିଡ଼ି, ଜି- ଜଗତସିଂହପୁରଙ୍କ ନାମରେ ମାଲିକାନା ସତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0030/2122

